## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଧାମନଗର,୧୦।୪(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ କରଦା ପଞ୍ଚାୟତ ମୁହାଣପଡ଼ା ଗ୍ରାମର ମକୁନ୍ଦ ସାହୁଙ୍କ ପତ୍ନୀ ଭାରତୀ ସାହୁ(୬୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ବୁଧବାର ପୂର୍ବାହ୍ନରେ ଭାରତୀ ଘରୁ କାଠ ବାହାର କରୁଥିବା ସମୟରେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡିଦେଇଥିଲା। ପରିବାର ଲୋକ ଜାଣିବା ପରେ ତାଙ୍କୁ ଯାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ଯାଜପୁର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଭାରତୀଙ୍କ ମୃତକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଆଇନ ସାକ୍ଷରତା କାର୍ଯ୍ୟକ୍ରମ

ଭଦ୍ରକ,୧୦।୪ (ସନାତନ ରାଉତ)

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସାକ୍ଷରତା ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଭଦ୍ରକ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆଇନ ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହିଳାମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା ପାଇଁ ଉପଲବ୍ଧ ଆଇନଗତ ବ୍ୟବସ୍ଥା ଓ ତାହାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇନସେବା ପ୍ରତିପକ୍ଷ ଅଧିବକ୍ତା ଡ. ତାପସ କୁମାର ମହାନ୍ତି, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁପ୍ରୀତି କର ଓ ଅଧ୍ୟାପିକା ପୁଷ୍ପଲତା ଧଳ ପ୍ରମୁଖ ଯୋଗ ଦେଇଥିଲେ।

### ମୋ ବଗିଚା ଦୁର୍ନୀତିର ତଦନ୍ତ କଲେ ଲୋକାୟୁକ୍ତ ଅତିରିକ୍ତ ନିର୍ଦ୍ଦେଶିକା

ଚାନ୍ଦବାଲି,୧୦।୪(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଗୋପୀନାଥପୁର ପଞ୍ଚାୟତ ବାଲିପଦା ଗ୍ରାମରେ ମୋ ଉପକାରୀ ବଗିଚା ଯୋଜନାରେ ଅନିୟମିତତା ହୋଇଥିବା ଲୋକାୟୁକ୍ତଙ୍କ ପାଖରେ ପଞ୍ଚାୟତର ସାମାଜିକକର୍ମୀ ଶରତ ସେନାପତି ଅଭିଯୋଗ କରିଥିଲେ। ସମସ୍ତ ତଥ୍ୟକୁ ଆଧାର କରି ଲୋକାୟୁକ୍ତଙ୍କ ଦ୍ୱାରା ଏହାର ତଦନ୍ତ ଆରମ୍ଭ ହୋଇଛି। ମଙ୍ଗଳବାର ଲୋକାୟୁକ୍ତଙ୍କ ଅତିରିକ୍ତ ନିର୍ଦ୍ଦେଶିକା ସସ୍ମିତା ଲେଙ୍କା ଗୋପୀନାଥପୁର ପଞ୍ଚାୟତରେ ପହଞ୍ଚି ବ୍ଲକ ପ୍ରଶାସନର ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ମୋ ଉପକାରୀ ବଗିଚାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ଘରେ ପହଞ୍ଚି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ପଞ୍ଚାୟତର ପ୍ରାୟ ୬୦ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ। କନିଷ୍ଠଯନ୍ତ୍ରୀ ପ୍ରଭାତ କୁମାର ବେହେରା, ଚାନ୍ଦବାଲି ବ୍ଲକ ମନରେଗା ସହକାରୀ ସନ୍ତୋଷ କୁମାର ନାୟକ, ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ତରାଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଧୀରେନ୍ଦ୍ର ନାୟକ, ବିପିଏମ୍ ଷ୍ଟାଲିନ ନାୟକ, ଜିଆର୍ଏସ୍ ରୀତାରାଣୀ ମୁଦୁଲି, ପୂର୍ବତନ ଜିଆର୍ଏସ୍ ପୁରୁଷୋତ୍ତମ ବାରିକ, ସରପଞ୍ଚ ବାପୁନ ବାରିକ ପ୍ରମୁଖ ଉପସ୍ଥିତ ଥିବା ବେଳେ ପୂର୍ବତନ ବିଡିଓ ଜ୍ୟୋତିବିକାଶ ଦାସ ଅନୁପସ୍ଥିତ ଥିଲେ।

# ପୋତିହେଲାଣି ଚୁଡ଼ାମଣି ଘାଟ ମୁହାଣ

ବାସୁଦେବପୁର,୧୦।୪(ନାରାୟଣ ପ୍ରସାଦ ବାରିକ୍)

ଚୁଡ଼ାମଣୀ ଘାଟ ପୋଲଠାରୁ ବଙ୍ଗୋପସାଗର ମୁହାଣ ପର୍ଯ୍ୟନ୍ତ ପ୍ରାୟ ୩ କି.ମି.ରୁ ଊର୍ଦ୍ଧ୍ୱ ଅଙ୍କାବଙ୍କା ଗମେଇ ନଦୀ ପୋତି ହୋଇ ପଡ଼ିଲାଣି। ଫଳରେ ବୋଟ, ଲଞ୍ଚ, ଭୁଟୁଭୁଟିଗୁଡ଼ିକ ସମୁଦ୍ର ମଧ୍ୟକୁ ପ୍ରବେଶ କରିପାରୁନାହିଁ।

କାଂଶବାଂଶ ନଦୀର ଶାଖା ନଈ ଭାବେ ପରିଚିତ ଗମେଇ ନଦୀଟି ବାସୁଦେବପୁରର ବରଣ୍ଡିଆ, ନରସିଂହପୁର, ସୁଦର୍ଶନପୁର, ଚୂଡ଼ାମଣି, ଅଡ୍ଡୁଆଁ, ଶାଶୁଭୁଆଶୁଣୀ ଆଦି ୬ଟି ପଞ୍ଚାୟତ ଓ ପୌରପାଳିକାର ଗୁଆଗାଁ, ବଳିବିନ୍ଧା, ଭୈରବପୁର, ଗୋପାଳପୁର ଆଦି ୱାର୍ଡ଼ ମଧ ଦେଇ ସିଧାସଳଖ ବଙ୍ଗୋପସାଗରକୁ ଚୁଡ଼ାମଣି ମୁହାଣଠାରେ ଭେଦ କରିଛି। ଏହି ପଞ୍ଚାୟତ ଓ ୱାର୍ଡଗୁଡ଼ିକର ଚାଷୀଙ୍କ ପାଇଁ ଗମେଇ ନଦୀ ଜୀବନଧାରା ହୋଇଥିବା ବେଳେ ଚୁଡ଼ାମଣି, ଅଡ୍ଡୁଆଁ ଘାଟଠାରୁ ଶତାଧିକ ସଂଖ୍ୟାରେ ବୋଟ୍, ଲଞ୍ଚ, ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀଙ୍କ ପେଟପାଟଣାର ମୁଖ୍ୟ ଉତ୍ସ।

କିନ୍ତୁ ଏହି ନଦୀଟିକୁ ଚୁଡ଼ାମଣି ଘାଟ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୧୦ ବର୍ଷ ପୂର୍ବେ ଖନନ କରାଯାଇଥିବା ବେଳେ ଚୂଡ଼ାମଣି ଘାଟ ପୋଲଠାରୁ ବଙ୍ଗୋପସାଗର ମୁହାଣ ପର୍ଯ୍ୟନ୍ତ ପ୍ରାୟ ୩ କି.ମି.ରୁ ଊର୍ଦ୍ଧ୍ୱେ ଅଙ୍କାବଙ୍କା ଗମେଇ ନଦୀଟି ପୋତି ହୋଇ ପଡ଼ିବା ସହିତ ଅଣଓସାରିଆ ହୋଇପଡ଼ିଛି। ଅଣଓସାରିଆ ନଦୀଟିର ଗଭୀର କମ୍ ଥିବାରୁ ଠିକ୍ ଭାବେ ବୋଟ,



ସମୁଦ୍ରକୁ ନ ଯାଇପାରି ଘାଟରେ ଅଟକି ରହିଥିବା ବୋଟ୍ ଓ ଲଞ୍ଚ।

## ସମୁଦ୍ରକୁ ଯାଇପାରୁନି ବୋଟ୍ ଓ ଲଞ୍ଚ

ଲଞ୍ଚ, ଭୁଟୁଭୁଟିଗୁଡ଼ିକ ସମୁଦ୍ର ମଧ୍ୟକୁ ପ୍ରବେଶ କରିପାରୁନାହିଁ। ବୋଟ, ଲଞ୍ଚ ଭୁଟୁଭୁଟିଗୁଡ଼ିକ ଯାଆସ କରିବା ପାଇଁ ସମୁଦ୍ର ଜୁଆରକୁ ମତ୍ସ୍ୟଜୀବୀ, ଲଞ୍ଚବୋଟ, ଭୁଟୁଭୁଟି ମାଲିକମାନେ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଚୁଡ଼ାମଣି ଜେଟିର ଅବସ୍ଥା ମଧ ଅତି ଶୋଚନୀୟ ଅଟେ। ଅର୍ଦ୍ଧଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଏହି ଜେଟିଟି ପଡ଼ିରହିଛି। ବର୍ତ୍ତମାନ ଚୁଡ଼ାମଣି ଜେଟି ଅଧୀନରେ ମୋଟ ୨୧୩ଟି ଗିଲନେଟ, ଭୁଟୁଭୁଟି, ଡଙ୍ଗା ପଞ୍ଜୀକୃତ ହୋଇଛି। ଏଥିମଧ୍ୟରୁ ୮୮ଟି ଯନ୍ତ୍ରଚାଳିତ ବୋଟ ଗିଲନେଟ, ୧୨୦ଟି ଭୁଟୁଭୁଟି, ୨ଟି ଦେଶୀ ଡଙ୍ଗା ଥିବା ବେଳେ ଏସବୁ ଗିଲନେଟ, ଭୁଟୁଭୁଟି, ଡଙ୍ଗା ସମୁଦ୍ରକୁ ଠିକ୍ ଭାବେ ଯାଆସ କରିପାରୁ ନାହାଁନ୍ତି। ଗମେଇ ନଦୀର ଅଧିକାଂଶ ଭାଗ ମୁହାଣ ପର୍ଯ୍ୟନ୍ତ ପୋତି ହୋଇପଡ଼ିଥିବାରୁ ମତ୍ସ୍ୟଜୀବୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏନେଇ ଚୁଡ଼ାମଣି ଟ୍ରେଲର ମାଲିକ ସଂଘ ସମ୍ପାଦକ ଶଶୀକାନ୍ତ ନାୟକଙ୍କୁ ପଚାରିବାରୁ ଗମେଇ ନଦୀର ଉକ୍ତ ଅଞ୍ଚଳ ଖନନ ପାଇଁ ବାରମ୍ବାର ସଂଘ ପକ୍ଷରୁ ଦାବି କରାଯାଉଥିବା ବେଳେ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ୧୫ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର କ୍ଷତିରେ ପଡ଼ୁଛନ୍ତି। ମତ୍ସ୍ୟଜୀବୀଙ୍କ ମୌଳିକ ସମସ୍ୟାକୁ ସମାଧାନ କରାଗଲେ ମତ୍ସ୍ୟଜୀବୀ ପରିବାରମାନେ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି। ଏ ସମ୍ପର୍କରେ ସାମୁଦ୍ରିକ ସହକାରୀ ମତ୍ସ୍ୟ ଅଧିକାରୀ ଜଗଦୀଶ ବାରିକଙ୍କୁ ପଚାରିବାରୁ ଚୁଡ଼ାମଣି ଜେଟିର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯାଉଛି। ପୋତି ହୋଇ ପଡ଼ିଥିବା ନଦୀକୁ ଖନନ କରାଗଲେ ବୋଟ, ଲଞ୍ଚ, ଭୁଟୁଭୁଟିଗୁଡ଼ିକ ଯିବା ଆସିବା କରିବା ଅଧିକ ସହଜ ହୋଇପାରନ୍ତା ବୋଲି କହିଛନ୍ତି।

# ନୃତ୍ୟାଙ୍ଗନାର ଦ୍ୱିତୀୟ ବାର୍ଷିକ ମହୋତ୍ସବ

ଧାମନଗର,୧୦।୪ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗରସ୍ଥିତ ନୃତ୍ୟାଙ୍ଗନାର ଦ୍ୱିତୀୟ ବାର୍ଷିକ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନୃତ୍ୟ ଗୁରୁ ଗଣେଶ୍ୱର ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବକୁ ମୁଖ୍ୟ ଅତିଥିଭାବେ ଧାମନଗର ବିଡିଓ ଝିମ୍ବିରାଣୀ ତପସ୍ୱୀ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ସହକାରୀ ଶିକ୍ଷକ ସମୀର ରଞ୍ଜନ ଗୋସ୍ୱାମୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ମହୋତ୍ସବ କମିଟି ସଭାପତି, ଅନ୍ୟତମ ଅତିଥି କଳାକାର ସୁବାଷ ଚନ୍ଦ୍ର ମଲ୍ଲିକ, ଆନନ୍ଦପୁର ବ୍ଲକ୍‌ର ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ପ୍ରଦୀପ ମହାପାତ୍ର, ବରିଷ୍ଠ ଓକିଲ ସୁଧାଂଶୁ ଶେଖର ନାୟକ ପ୍ରମୁଖ ଯୋଗଦେଇ କଳା ଓ ସଂସ୍କୃତି ନୃତ୍ୟ ସମାରୋହ ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ଏହାର ଉତ୍ତୋରତ୍ତର କାମନା କରି ଆୟୋଜକ ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନୁଷ୍ଠାନ ପକ୍ଷରୁ ସାମାଜିକକର୍ମୀ ମାନସ ରଞ୍ଜନ ସାହୁ, ଶିକ୍ଷକ ବିଶ୍ୱଜିତ ବାରିକ, ସୁଜିତ ସାହୁଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟାଙ୍ଗନାର ଅଧ୍ୟକ୍ଷ ଦୀପକ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ପୂର୍ବତନ ସମିତିସଭ୍ୟାଙ୍କ ଉପରୁ ନିଲମ୍ବନ ଉଠିଲା



ଏମ୍‌ପି ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

ତିହିଡ଼ି,୧୦।୪ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ଛବିରାଣୀ ଜେନା ଓ ତାଙ୍କ ସ୍ୱାମୀ ସାମାଜିକକର୍ମୀ ରବୀନ୍ଦ୍ର ଜେନାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ଦମ୍ପତିଙ୍କ ଉପରୁ ବୁଧବାର ନିଲମ୍ବନ ଉଠିବା ପରେ ସେମାନେ ବିଜେଡ଼ିକୁ ଫେରିଛନ୍ତି। ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ବାସଭବନରେ ବୁଧବାର ଏମପି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବିଜେଡି ପ୍ରାର୍ଥୀ ଡା. ସଞ୍ଜୟ କୁମାର ଦାସଙ୍କ ଉପସ୍ଥିତିରେ ସେମାନେ ଦଳରେ ଶୃଙ୍ଖଳାର ସହ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ୬ ନଂ. ୱାର୍ଡର ସଦସ୍ୟ ଶୈଳେନ୍ଦ୍ର ହାତୀ, ଶୁଭମ ଭଞ୍ଜରାୟ, ରମେଶ ଜେନା ଓ ସୀତାକାନ୍ତ ଜେନା ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ପଞ୍ଚାୟତ ସଭାପତି ଅଶୋକ ନାୟକ, ଚଗୁଲୁ ଦୀକ୍ଷିତ, ରାମଚନ୍ଦ୍ର ସାହୁ, ଅର୍ଜୁନ ଭଞ୍ଜରାୟ, ନକୁଳ ଭଞ୍ଜରାୟ, ସଞ୍ଜୟ ସେନାପତି, ଦାଶରଥି ମହାପାତ୍ର, ଚିତରଞ୍ଜନ ଦୀକ୍ଷିତ, ରବୀନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥଗ୍ରହଣ




ଶପଥ ଗ୍ରହଣ ଉତ୍ସବ।

ଭଦ୍ରକ,୧୦।୪(ସନାତନ ରାଉତ)

ଭଦ୍ରକ ଜିଲା କୋର୍ଟ ନଳାଙ୍ଗ ପରିସରରେ ଓକିଲ ସଂଘ ସଦନରେ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା ବୁଧବାର ଶପଥ ଗ୍ରହଣ କରିଛନ୍ତି। ସଂଘର ନବ ନିର୍ବାଚିତ ସଭାପତି ବସନ୍ତ ଦାସ, ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ଉପ ସଭାପତି ଦୀପକ ସାହୁ, ଲାଇବ୍ରେରୀ ସହ ସମ୍ପାଦକ ନିକୁଞ୍ଜ କିଶୋର ପୁହାଣ, ସୁରେନ୍ଦ୍ର କର, ସହ ସମ୍ପାଦକ ଗିରିଜା ଶଙ୍କର ଦାସ, କୋଷାଧ୍ୟକ୍ଷ କିଶୋର ବଳ, କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଶିଳାଦିତ୍ୟ ନାୟକ, କୌଶିକ ଦାସ, ବିଶ୍ୱ ପ୍ରକାଶ ଦାସଙ୍କ ନାମ ନିର୍ବାଚନ ଅଧିକାରୀ ସନ୍ତୋଷ ନାୟକ ଘୋଷଣା କରିବା ପରେ, ପୂର୍ବତନ ସମ୍ପାଦକ ଦିବ୍ୟସିଂହ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଅଧିବକ୍ତା ବଟକୃଷ୍ଣ ଦାସ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ମୋହରୀର ସଂଘ ପକ୍ଷରୁ ସଭାପତି ଉମାକାନ୍ତ ସାହୁ, ସମ୍ପାଦକ ରାମଚନ୍ଦ୍ର ନାୟକଙ୍କ ସମେତ ସଦସ୍ୟମାନେ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଭାପତି ନିରାକାର ଜେନାଙ୍କ ଅନୁପସ୍ଥିତରେ ଉପସଭାପତି ମନୋରଞ୍ଜନ ଦାସ ସଭା ପରିଚାଳନା କରିଥିଲେ। ଶପଥ ଗ୍ରହଣ ସମାରୋହରେ ଅରୁଣ ଚାନ୍ଦ, ପର୍ଶୁରାମ ଦ୍ୱିବେଦୀ, ଦୁର୍ଗାରାୟ ମହାପାତ୍ର, ଯତିକାନ୍ତ ନାୟକ, ଗିରିଧାରୀ ନାଥ, ଅଗଣି ଜେନା, ଅଞ୍ଜୁବାଳା ନାୟକ, ସ୍ନିଗ୍ଧାରାଣୀ ଜେନା, ଅରୁଣ ମିଶ୍ର, ଗଦାଧର ବଳ, ରଶ୍ମିରଞ୍ଜନ ଦୀକ୍ଷିତ, ସଞ୍ଜୟ ମାଝୀ, ଜୟନ୍ତ ଭୋଇ, ନାରାୟଣ ମହାପାତ୍ର, ଶଶୀଭୂଷଣ ପଣ୍ଡା, ରାଧା ଦାସ, ପବନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ ନାୟକ, ସହ ଅଧିକାରୀ ସରୋଜ ତପନ ଦାସ, ଅତିସ ବେହେରା, ଲଲାଟେନ୍ଦୁ ଦୀକ୍ଷିତ, ନାରାୟଣ ମହାନ୍ତି, ଚିତରଞ୍ଜନ ନାଥ, ବନିତା ଦତ, ଜ୍ୟୋତି ରଞ୍ଜନ ବେହୁରା ପ୍ରମୁଖ ନିଯୁକ୍ତି ପାଇଥିଲେ।

### କାଁପଡ଼ା ବାଶୁଳୀଙ୍କ ପୀଠ ଉତ୍ସବମୁଖର

ତିହିଡ଼ି,୧୦।୪ (ସଞ୍ଜିତ ବଳ)

ଆଗକୁ ଆସୁଛି ପଣା ସଂକ୍ରାନ୍ତି। ମାତ୍ର ଏବେଠୁ ଉତ୍ସବମୁଖର ହେଲାଣି ମା' ବାଶୁଳୀଙ୍କ ପୀଠ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କାଁପଡ଼ା ପଞ୍ଚାୟତରେ ଥିବା ଏହି ପୀଠସ୍ଥଳରେ ମଙ୍ଗଳବାରଠାରୁ ଅଷ୍ଟମ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ସକାଳେ ଅଧିବାସ ହେବା ପରେ ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ବୁଧବାର ନଗର ସଂକୀର୍ତ୍ତନ ପରେ ଦଧି ହାଣ୍ଡି ଭଙ୍ଗାଯାଇଥିଲା। ପରେ ପରମ୍ପରା ଅନୁଯାୟୀ ପଞ୍ଚାୟତର ୮ହଜାରରୁ ଊର୍ଦ୍ଧ୍ୱ ଏକ ସାଙ୍ଗରେ ବସି ଅନ୍ନ ପ୍ରସାଦ ସେବନ କରିଥିଲେ। ଗୁରୁବାରଠାରୁ ପୀଠରେ ଅପେରା ସହିତ ମା'ଙ୍କ ପାଟୁଆମାନେ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବେ। ପଣା ସଂକ୍ରାନ୍ତି ଦିନ ପୀଠସ୍ଥଳରେ ପାଟୁଆ ନାଚ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମା' ବାଶୁଳୀ ବାର୍ଷିକ ପୂଜା କମିଟିର ସଭାପତି ଇନ୍ଦ୍ରମଣି ଦାସ, ସମ୍ପାଦକ ଜଗତ ଦାସ, କୋଷାଧ୍ୟକ୍ଷ ମାର୍କଣ୍ଡ ମଲିକ, ବାସୁଦେବ ଦାସ, ସୁବ୍ରତ ଦାସ, ସୋମନାଥ ଦାସ, ରମାକାନ୍ତ ମଲିକ, ଶରତ ଦାସ, ଶୁକଦେବ ମଲିକ, ଅଲେଖ ମଲିକ, ପ୍ରଫୁଲ୍ଲ ଦାସ, ବିଶ୍ୱମ୍ବର ଦାସ, ରୋହିତ ଦାସ ପ୍ରମୁଖ ପରିଚାଳନା କରୁଥିବା ବେଳେ ପଞ୍ଚାୟତବାସୀ ଏଥିରେ ସହଯୋଗ କରୁଛନ୍ତି।

# ବେତଡ଼ାରେ ବିଜେଡିର ବୈଠକ



ଅନୁଷ୍ଠିତ ନିର୍ବାଚନୀ ସଭା।

ବାସୁଦେବପୁର,୧୦।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବେତଡ଼ା ବଜାରରେ ମଙ୍ଗଳବାର ସନ୍ଧ୍ୟାରେ ବିଧାୟକ ତଥା ବିଜେଡ଼ି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ନିର୍ବାଚନୀ ବୈଠକ କରିଛନ୍ତି। ବେତଡ଼ାରେ ବିଷ୍ଣୁବ୍ରତ ପହଞ୍ଚିବା ପରେ ବିଜେଡି ଦଳୀୟ କର୍ମୀ ସମର୍ଥକ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ବୈଠକରେ ବିଷ୍ଣୁବ୍ରତ ନିଜର ମତ ରଖି ଆଗାମୀ ନିର୍ବାଚନରେ କିପରି ଅଧିକରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବେ ସେ ଦିଗରେ କର୍ମୀ ମାନେ ଧ୍ୟାନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ବିଜେଡ଼ି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିବାକୁ କର୍ମୀଙ୍କୁ ସେ ଆହ୍ୱାନ ଦେଇଥିଲେ। ସଭାରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଯୋଗ ଦେଇ ପୂର୍ବ ପରି ଏହି ବିଧାନସଭା କ୍ଷେତ୍ରରୁ ବିଷ୍ଣୁବ୍ରତଙ୍କର ବିଜୟୀ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠୀ, ବସନ୍ତ ମଞ୍ଜରୀ ବିଶ୍ୱାଳ, ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର ପ୍ରସାଦ ପାତ୍ର, ରବୀନ୍ଦ୍ର ପଣ୍ଡା, ଅନିତା ପଣ୍ଡା, ମମତାମଣି ବେହେରା, ବ୍ଲକ୍ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ଜିଲା ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ସୌଭାଗ୍ଯ ବିଶ୍ୱାଳ, ଅନୀଲ କୁମାର ସେଠୀଙ୍କ ସମେତ ଦଳୀୟ କର୍ମୀ ମାନେ ଯୋଗ ଦେଇଥିଲେ।

# ବିଜେଡିର କର୍ମୀ ବୈଠକ



ବୈଠକରେ ଉପସ୍ଥିତ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ,୧୦।୪ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ବିଜେଡି କାର୍ଯ୍ୟାଳୟଠାରେ ଦଳ ପକ୍ଷରୁ ବୁଧବାର ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ଓ ବ୍ଲକ୍ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ଯୋଗ ଦେଇଥିଲେ। ବିଶେଷ କରି ଆସନ୍ତା ସାଧାରଣ ନିର୍ବାଚନ ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ୨୩ ନମ୍ବର ଜୋନ ଅଧୀନ ଦକ୍ଷିଣାଡ, ଯାନାପୁର, ନଗୁଆ, ନିର୍ଗୁଣ୍ଡି, ସରସଦା, ଜଳମଣ୍ଡୁଆ, ବିଷ୍ଣୁପୁର ପଞ୍ଚାୟତର ଛାମୁଆ କର୍ମୀ ଉପସ୍ଥିତ ଥିଲେ। ଏହାଛଡା ବିଜେଡି ସମର୍ଥିତ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟାଙ୍କ ସମେତ ପଞ୍ଚାୟତ ସଭାପତିମାନେ ଯୋଗଦେଇ ସାଂଗଠନିକ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଆମ୍ବରୋଳିରେ ଭାଜପାର ବୈଠକ

ଭଦ୍ରକ,୧୦।୪ (ସନାତନ ରାଉତ)

ଭାଜପା ପକ୍ଷରୁ ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆମ୍ବରୋଳି ପଞ୍ଚାୟତ ଦେବରକୁଣ୍ଡ ମଣ୍ଡଳସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ଭଦ୍ରକ ବିଧାନସଭା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର ଉକ୍ତ ପଞ୍ଚାୟତରେ ପଦଯାତ୍ରାରେ ଘରକୁ ଘର ଯାଇ ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। ପରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳର ସମସ୍ୟା କର୍ମୀମାନଙ୍କଠାରୁ ପଚାରି ବୁଝିବା ସହ ଆଗାମୀ ଦିନରେ ରାଜ୍ୟରେ ଭାଜପା ସରକାର ଗଠନ ହେଲେ ସବୁ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ମୋଦି ସରକାରଙ୍କ ଗ୍ୟାରେଣ୍ଟି ଓ କେନ୍ଦ୍ରର ଜନହିତକର ଯୋଜନା ବାବଦରେ ଲୋକଙ୍କୁ ଅବଗତ କରାଇବା ପାଇଁ ଅଭିମନ୍ୟୁ ପରାମର୍ଶ ଦେଇଥିଲେ। ସେହିପରି ଆଗାମୀ ନିର୍ବାଚନ ପାଇଁ ପ୍ରତି ବୁଥସ୍ତରରେ ସମସ୍ତ କାର୍ଯ୍ୟକର୍ତ୍ତା ସଂଗଠିତ ଭାବେ ଦଳକୁ ସଶକ୍ତ କରିବା ପାଇଁ କାର୍ଯ୍ୟ କରିବାକୁ ବିଧାୟକ ପ୍ରାର୍ଥୀ ସୀତାଂଶୁ କହିଥିଲେ। ଭାଜପାର ବରିଷ୍ଠ ନେତା ପ୍ରଦୀପ ନାୟକ ଉଭୟ ଏମପି ଓ ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ସହ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଲୋକଙ୍କୁ ଆହ୍ୱାନ ଦେଇଥିଲେ। କର୍ମୀମାନଙ୍କ ମଧ୍ୟରେ ବହୁ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ଉଭୟ ପ୍ରାର୍ଥୀଙ୍କୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଥିଲା।



ପଦଯାତ୍ରାରେ ଭାଜପା ପ୍ରାର୍ଥୀ ଓ କର୍ମୀ।

# ପାଠ ପଢ଼ିବା, ଦେଶ ଗଢ଼ିବା ଗୀତ ମନମୋହିଲା

ଚାନ୍ଦବାଲି,୧୦।୪(କିଷାନ ପାତ୍ର )

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚାନ୍ଦବାଲି ବ୍ଲକ କାଣ୍ଡଗରଡି ପଞ୍ଚାୟତ ଅଧୀନ ବିଶ୍ରାମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ବୁଧବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁଦର୍ଶନ ପଲାଇଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ନେତା ସୁଶାନ୍ତ ମଲିକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ କାଣ୍ଡଗରଡ଼ି ସରପଞ୍ଚ ଲମ୍ବୋଦର ପଣ୍ଡା, ମୁଖ୍ୟବକ୍ତା ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଅନ୍ୟତମ ଅତିଥି ପୂର୍ଣ୍ଣଚନ୍ଦ୍ର ନନ୍ଦ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରକାଶ ନାୟକ, ସଂଘର ମହାସଚିବ ଅଶୋକ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅକ୍ଷୟ ଜେନା, ୱାର୍ଡ ସଭ୍ୟ ରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀଙ୍କ ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଭଲ ପାଠ ପଢ଼ି ବଡ଼ ମଣିଷ ହେବା ପାଇଁ କହିଥିଲେ। କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ପାଠ ପଢ଼ିବା, ଦେଶ ଗଢ଼ିବା ସାଂସ୍କୃତିକ ନୃତ୍ୟ ଗୀତରେ ଉପସ୍ଥିତ ଦର୍ଶକମାନେ ଝୁମିଥିଲେ। ଏହି ଅବସରରେ ବିଦ୍ୟାଳୟରେ ୩୦ଜଣ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସିଆର୍‌ସିସି ଦେବାଶିଷ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିତା ବାଳା ମହାରଣା ଧନ୍ୟବାଦ ଦେଇଥିଲେ।

**ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ**

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଯୁବତୀଙ୍କ ମୃତଦେହ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଦେଖାଯାଇଥିବାରୁ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରି ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ସନ୍ଦେହ କରାଯାଉଛି। ବଡ଼ବିଲ ପୋଲିସ ଏକ ମାମଲା( ନଂ. ୧୧/୨୦୨୪) ରୁଜୁ କରି ତଦନ୍ତ କରୁଛି।



## ସଂକ୍ଷେପରେ

### କଳସ ପରିକ୍ରମାରେ ଯୋଗଦେଲେ ୩୦୦ ବ୍ରତଧାରୀ

ରାମଚନ୍ଦ୍ରପୁର,୧୦।୪(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ବାତୋ ପଞ୍ଚାୟତ ଅତା ଗ୍ରାମରେ ମା' ମଙ୍ଗଳାଙ୍କ ୬୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଶୁନନ୍ଦ ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ଗୋଲଖ ନାଥ ସଂଯୋଜନା କରିଥିଲେ। ମୁଖ୍ୟ ପୂଜକଭାବେ ରବି ଶତପଥୀ ଓ ସହ ସାଥୀ ପୂଜକଭାବେ ସଙ୍କର୍ଷଣ ବେହେରା, ଶ୍ରୀକାନ୍ତ ବେହେରା, ଭାନୁମତୀ ପାଗଳ ମା'ଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ କରିଥିଲେ। ସକାଳୁ ପୁଣ୍ୟତୋୟା ବୈତରଣୀ ନଦୀରୁ ତିନି ଶହ ବ୍ରତଧାରୀ କଳସ ବୁଡାଇ ଗ୍ରାମ ପରିକ୍ରମା କରିଥିଲେ। ପରେ ପୂଜା ମଣ୍ଡପରେ ଘଟ ସ୍ଥାପନ କରାଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ବାର୍ଷିକ ଉତ୍ସବକୁ ଶାନ୍ତି ଶୃଙ୍ଖଳା ଭାବେ ଅନାଦି ନାଥ, ଲକ୍ଷ୍ମୀଧର ନାଥ, ରଞ୍ଜୁ ପାଗଳ, ଗୋଲଖ ପାଗଳ, ରାମଚନ୍ଦ୍ର ପାଗଳ, ପ୍ରଫୁଲ୍ଲ ପାଗଳ, କାଳନ୍ଦୀ ପାଗଳ, ବିଦ୍ୟାଧର ବେହେରା, ରବିନ୍ଦ୍ର ନାଥ, ବସନ୍ତ ସାହୁ, ଚନ୍ଦନ ନାଥ, ରବି ନାଥ ପରିଚାଳନା କରିଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ହାଟଡ଼ିହୀ,୧୦।୪ (ପାର୍ଥ ସୌରଭ ସା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନସ୍ଥ ଶଙ୍ଖଣା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗ୍ରାମର ନାରାୟଣ ପହୀଙ୍କ ସ୍ତ୍ରୀ ସାବିତ୍ରୀ। ପୂର୍ବାହ୍ନ ୧୧ଟା ବେଳେ ନିଜ ବାଡ଼ିରେ ଥିବା ପୋଖରୀରେ ଗାଧୋଇବା ପାଇଁ ଯାଇଥିଲେ। ଗୋଡ ଖସିଯିବାରୁ ବୁଡ଼ି ଯାଇଥିଲେ। ଅନେକ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନନ୍ଦିପଦା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରିଥିଲା। ଅନ୍ୟପକ୍ଷେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବୁହା ଗାଡି ଥିବାବେଳେ ଏମାନଙ୍କୁ ଗାଡି ମିଳି ନ ଥିଲା। ସୁପରିଟେଣ୍ଡେଣ୍ଟଙ୍କ ନିକଟରୁ ଅନୁମତି ଆଣିଥିଲେ ମଧ୍ୟ ଗାଡ଼ି ଚାଳକ ମନା କରିଦେବାରୁ ଦୀର୍ଘ ସମୟ ଧରି ପରିବାର ଲୋକେ ଭଡା ଗାଡ଼ିରେ ମୃତଦେହ ନେଇ ଘରକୁ ଫେରିଥିଲେ। ଯାହାକୁ ନେଇ ପରିବାର ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଦନ୍ତା ଆକ୍ରମଣରେ ବୃଦ୍ଧ ଗୁରୁତର

କେନ୍ଦୁଝର,୧୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ବରଗୋଡ଼ା ଗ୍ରାମରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଗ୍ରାମର ବଳ ଦେହୁରୀ(୬୦)। ସେ ଅପରାହ୍ନ ୪ଟାରେ ବରଗୋଡ଼ା ଗାଁ ନିକଟ ଚମ୍ପାଝର ନିକଟରେ ଖରାଟିଆ ଧାନ ଚାଷ ଜଗି ଥିଲେ। ସେ ସମୟରେ ଏକ ଗୋଟିକିଆ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରି ଶୁଣ୍ଢରେ ଧରି ଫିଙ୍ଗି ଦେଇଥିଲା। ଉକ୍ତ ସମୟରେ ବରଗୋଡ଼ା-ପାଲଲହଡ଼ା ରାସ୍ତାରେ ଏକ ଟ୍ରାକ୍ଟର ଆସି ଯିବାରୁ ଦନ୍ତା ହାତୀଟି ଉକ୍ତ ସ୍ଥାନ ଛାଡ଼ି ପଳାଇଥିଲା। ଉକ୍ତ ସମୟରେ ଡୁମ୍ବାଡିହି ନାଳକୁ ପାଣି ପାଇଁ ଯାଉଥିବା ୧୦ ଜଣ ମହିଳାଙ୍କୁ ହାତୀ ଘଉଡ଼ାଇବାରୁ ସେମାନେ ଘରକୁ ଧାଇଁ ପଳାଇ ଆସିବାରୁ ଜୀବନ ରକ୍ଷା କରିଥିଲେ। ବନବିଭାଗ କର୍ମଚାରୀ ଖବର ପାଇ ଘଟଣାସ୍ଥଳକୁ ଯାଇ ତାଙ୍କୁ ପ୍ରଥମେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଖବର ପାଇ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ସେକ୍ସନ ଫରେଷ୍ଟର ଜ୍ୟୋତିର୍ମୟୀ ପଟ୍ଟନାୟକ ଏବଂ ତରମାକାନ୍ତ ବିଟ୍ ଫରେଷ୍ଟ ଗାର୍ଡ ସରୋଜ ନାୟକ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି। ଆହତଙ୍କୁ ସରକାରୀ ନିୟମ ମୁତାବକ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର ପ୍ରକାଶ କରିଛନ୍ତ।

### ଉଠାଜଳସେଚନ ପ୍ରକଳ୍ପର ପମ୍ପ ଚୋରି

ପାଟଣା,୧୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଭଉଁରପୁର ଗ୍ରାମ ନିକଟ ନାଳରେ ଲଗିଥିବା ଏକ ପାଣି ପମ୍ପକୁ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏନେଇ ବୁଧବାର ଭଉଁରପୁର ଗ୍ରାମର ଚାଷୀ ବାବୁଲା ନାଏକ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ତୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାୟକ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

# ଗାଁକୁ ଲକ୍ଷ୍ମୀ ବସ୍ ଚଳାଚଳ, ଗମନାଗମନ ସୁବିଧା ଦାବି

- ଜିଲାପାଳଙ୍କୁ ଭେଟିଲେ ୨ ପଞ୍ଚାୟତବାସୀ
- ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ

କେନ୍ଦୁଝର,୧୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ଓ ପଳାଶପଙ୍ଗା ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଲକ୍ଷ୍ମୀ ବସ୍ ଚଳାଚଳ ସହ ଅନ୍ୟାନ୍ୟ ସୁବିଧା ଦାବିରେ ଶତାଧିକ ଗ୍ରାମବାସୀ ବୁଧବାର ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଏକ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ୟାର ସମାଧାନ ନ ହେଲେ ୨ ପଞ୍ଚାୟତ ଅଧୀନ ବିସ୍ତାପାଳ, ତାରତଖମଣ, ଡିମିରିଡ଼ିହା, ବିରକିଶୋରପୁର, ହାତୀକୁଚା, ନୂଆଗାଁ, ପୋଇପାଣି ଓ ଜାମୁଡ଼ିହା, ମଙ୍ଗଳାପଶି, ହୁଣ୍ଡୁଳା, ମୁରୁସୁଆଁ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ୨ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଲକ୍ଷ୍ମୀ ବସ ସେବା ଯୋଗାଇବା, ନିତ୍ୟ ନିୟମିତ ବ୍ୟବହୃତ ପ୍ରଧାନମନ୍ତ୍ରୀ ସଡ଼କ ଜାମୁଡିହା ଜାତୀୟ ରାଜପଥ ୨୦ ଭାୟା ବିସ୍ତାପାଳ ନୂଆଗାଁଠାରୁ ପଦ୍ମପୁର ଜାତୀୟ ରାଜପଥ ୨୦ ପର୍ଯ୍ୟନ୍ତ ମରାମତି ଓ ତାର ସୁରକ୍ଷା, ଜାମୁଡ଼ିହା ଓ ହୁଣ୍ଡୁଳାଠାରେ ଓଭରବ୍ରିଜ ଓ ପ୍ରଦୂଷଣରୁ ଅଞ୍ଚଳକୁ ମୁକ୍ତ ରଖିବା ସଙ୍ଗେ ନଦୀ, ନାଳ, କୂପ, ପୋଖରୀକୁ ପୁନରୁଦ୍ଧାର ଓ ନିର୍ମଳ ରଖିବା, ପ୍ରତ୍ୟେକ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଚାଷର କ୍ଷୟକ୍ଷତି ଭରଣା ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା ଆଦି ରହିଛି। ଏ ନେଇ ପୂର୍ବରୁ ୨୪ ମାର୍ଚ୍ଚ ୨୦୨୪ ରିଖରେ ସମସ୍ତ ଅଞ୍ଚଳବାସୀଙ୍କ ସ୍ୱାକ୍ଷର ସମ୍ବଳିତ ୪ ଦଫା ଦାବିପତ୍ର ଜିଲାପାଳ ଓ ଏସ୍‌ପିଙ୍କୁ ଦିଆଯାଇଥିଲା। ଅଦ୍ୟାବଧି ଦାବିପତ୍ର ଉପରେ କୌଣସି ଆଶ୍ୱାସନା କିମ୍ବା ପ୍ରତିକାର କରାଯାଇ ପାରିଲାନାହିଁ। ପରେ ମଧ୍ୟ ସଦର ଥାନାଙ୍କ ଜରିଆରେ ଅନୁସନ୍ଧାନ କରିବାର ସନ୍ଦେଶ ଉକ୍ତ ଗ୍ରାମବାସୀଙ୍କୁ ମିଳିଥିଲା। ଅଞ୍ଚଳବାସୀଙ୍କ ସର୍ବସମ୍ମତି ସିଦ୍ଧାନ୍ତ କ୍ରମେ ବୁଧବାର ଜାତୀୟ ରାଜପଥ ୨୦ ଜାମୁଡ଼ିହାଠାରେ ରାସ୍ତାରୋକ କରିବା ସହିତ ପ୍ରତିବାଦ କରାଯାଇଥିଲା। ନିର୍ବାଚନ ଆଚରଣବିଧିକୁ ନଜର ରଖାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଜନସାଧାରଣ ଉପସ୍ଥିତି ରହି ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ ସହ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଆଇନ ସମ୍ମତ ପ୍ରତିକାର କରା ନ ଗଲେ ଅଞ୍ଚଳବାସୀ ସମୂହ ଆଗାମୀ ମେ ୨୫ ତାରିଖ ହେବାକୁ ଥିବା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଜିଲାପାଳଙ୍କୁ ଜଣାଇଛନ୍ତି। ଜିଲାପାଳ ବିଶାଲ ସିଂ ୩ ଦିନ ଭିତରେ ବିଚାର କରି କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପଳାଶପଙ୍ଗା ସରପଞ୍ଚ ବାସନ୍ତୀ ନାୟକ, ନୂଆଗାଁ ପଞ୍ଚାୟତ ସଭ୍ୟ ସଞ୍ଜୟ ନାୟକ, ପ୍ରେମା ସିଂ, ମମତା ସିଂ, ଜୟରାମ ବାଙ୍କୁରା, ଭରତ ମହାରଣା, ହାତୀରାମ ମହାରଣା, ବସନ୍ତ ନାୟକ, ଶରତ ନାୟକ, କୁନି ନାୟକ, ଅମ୍ବିକା ନାୟକ, ଯଶୋଦା ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ସଂରକ୍ଷିତ ଜଙ୍ଗଲରୁ ଗଛକଟାକୁ ବିରୋଧ



ପାଟଣା,୧୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇ ଟାଙ୍ଗିରି ସେକ୍ସନ ତିଣ୍ଡା ବିଟ ଅନ୍ତର୍ଗତ ବୁଢ଼ୀକାପୁଡି ସଂରକ୍ଷିତ ଜଙ୍ଗଲରେ ଓଏଫଡିସି (ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେଶନ) ତରଫରୁ ବୁଧବାର ଗଛକଟା ଚାଲିଥିଲା। ଏହି ସମୟରେ ଓଏଫ୍‌ଡିସି କର୍ମଚାରୀ ଶତାଧିକ ସ୍ଥାନୀୟ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ଜଙ୍ଗଲ ଜଗା ରଖା କରୁଥିବା କହିଥିବା ବେଳେ ସେମାନଙ୍କୁ ନ ଜଣାଇ ୧୩୮ ମୂଲ୍ୟବାନ ଶାଳ ଗଛକୁ ଗଛ କାଟି ଦିଆଯାଇଛି। ଫଳରେ ସଂରକ୍ଷିତ ଜଙ୍ଗଲରେ ଶତାଧିକ ମହିଳା, ପୁରୁଷ ପହଞ୍ଚି ଏକତ୍ରିତ ହୋଇ ଏହାକୁ ବିରୋଧ କରିଥିଲେ। ଫଳରେ କର୍ପୋରେଶନ କର୍ମଚାରୀ ଫେରି ଯାଇଥିଲେ। ରେଞ୍ଜର ବନ ବିହାରୀ ସର୍ଦାର କହିଛନ୍ତି, କାନପୁର ଡ୍ୟାମର ଏକ କେନାଲ ଉକ୍ତ ଜଙ୍ଗଲ ଜମି ଉପରେ ଯିବ। ସମସ୍ତ ନିୟମ ଅନୁଯାୟୀ, ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ କର୍ପୋରେଶନ ଗଛ କାଟୁଛି। ସମସ୍ତ କାର୍ଯ୍ୟକ୍ରମ ନିୟମ ଭିତରେ ହେଉଛି। ସେଠାର ଲୋକମାନେ ଜଙ୍ଗଲ ଜଗୁଥିଲେ ବୋଲି କହୁଛନ୍ତି। ହେଲେ ସେଠି ଆମର କୌଣସି ବନ ସୁରକ୍ଷା ସମିତି ନାହିଁ ବୋଲି ଜଣାପଡ଼ିଛି। ସମିତି ଥିଲେ କାଠ ୨ ଭାଗ ହୋଇଥାନ୍ତା। ଏ ନେଇ କ୍ଷୀରେଇଟାଙ୍ଗିରି ଭାରପ୍ରାପ୍ତ ବନପାଳ ଡଲି ରାଣୀ ସାହୁ କହିଛନ୍ତି, ଲୋକେ ମଙ୍ଗଳବାର ଡିଏଫ୍‌ଓଙ୍କୁ ଦେଖା କରିଥିଲେ। କେନାଲ ପାଇଁ ୯୧୨ଟି ଗଛ କାଟିବାକୁ ନିର୍ଦ୍ଦେଶ ରହିଛି। ଉତ୍ତେଜନାକୁ ଲକ୍ଷ୍ୟ କରି ସାମୟିକ ପାଇଁ ଗଛ କଟା ବନ୍ଦ ରହିଛି।

## ସମାବେଶ କରି ଶକ୍ତି ପ୍ରଦର୍ଶନ କଲା କଂଗ୍ରେସ


ସଭାରେ ଉପସ୍ଥିତି କଂଗ୍ରେସ ନେତୃବୃନ୍ଦ।

ରାମଚନ୍ଦ୍ରପୁର,୧୦।୪(ଗଣେଶ୍ୱର ସା)/ ଆନନ୍ଦପୁର (ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ୩ ନଂ. ଜୋନ୍‌ର କଂଗ୍ରେସ କର୍ମୀଙ୍କୁ ନେଇ ବେଲବାହାଲୀ ବିଶ୍ୱକର୍ମା ପଡ଼ିଆରେ ବୁଧବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଯସବନ୍ତ ଲାଗୁରି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଧାରଣ ସମ୍ପାଦକ ମନୋଜ ଜେନା, ଜିଲା ସଭାପତି ଆଲୋକ ମିଶ୍ର, ରାଜ୍ୟ ପିସିସି ସମ୍ପାଦକ ନିକୁଞ୍ଜ ବିହାରୀ ମିଶ୍ର, ପିସିସି ସଭ୍ୟ ଶ୍ରୀଧର ଦଳେଇ, ରାଜ୍ୟ ଏସି ସେଲ ଉପ ସଭାପତି ସୁରେଶ ଜେନା, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ସତ୍ୟବ୍ରତ ଜେନା, ଆନନ୍ଦପୁର ନଗର ସଭାପତି ହାଡ଼ିବନ୍ଧୁ ଖୁଣ୍ଟିଆ, ଜିଲା ଉପ ସଭାପତି ଏକାଦଶୀ ସାହୁ, ଜିଲା ସାଧାରଣ ସମ୍ପାଦକ ମୁରଲୀ ବେହେରା ଯୋଗଦେଇ ଶକ୍ତି ପ୍ରଦର୍ଶନ କରିଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭ୍ରଷ୍ଟାଚାର ଦୁର୍ନୀତି ଶାସନ ଆଉ ରହିବ ନାହିଁ ଏବଂ ଏହି ସାଧାରଣ ନିର୍ବାଚନରେ ସାଧାରଣ ଲୋକେ ଏହାର ଜବାବ ଦେବେ ବୋଲି ଜୟଦେବ ପ୍ରକାଶ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସକୁ କ୍ଷମତାସିନ କରିବାକୁ ଅନୁରୋଧ କରିଥିଲେ। ସମାବେଶରେ ବିଭୂତି ଘଡ଼େଇ, ପ୍ରଶାନ୍ତ ଜେନା, ଶୁଶାନ୍ତ ସାହୁ, ଟୁନା ସାହୁ, ରବି ସାହୁ, ରତ୍ନାକର ଜେନା, ନୁରି ସାହୁ, ଗୋଲଖ ସାହୁ, ଟିଙ୍କିନା ପଟ୍ଟନାୟକ ଆଦି ଉପସ୍ଥିତ ଥିବା ବେଳେ ୫ ପଞ୍ଚାୟତରୁ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶେଷ ଆକର୍ଷଣ ଭାବେ ସିନେ ତାରକା ସୁମନ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ୍ ସଭାପତି ବିଷ୍ଣୁ ପ୍ରାସାଦ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ପଣସ ଚୋରିକୁ କେନ୍ଦ୍ରକରି ସଂଘର୍ଷ, ୩ ଆହତ

ହାଟଡ଼ିହୀ(ପାର୍ଥ ସୌରଭ ସା)/ ଆନନ୍ଦପୁର (ଉମେଶ ଚନ୍ଦ୍ର ପାଢ଼ୀ)/ ସୋସୋ (ସତ୍ୟବ୍ରତ ଜେନା ), ୧୦।୪

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶିବନାରାୟଣପୁର ଗ୍ରାମରେ ପଣସ ଚୋରିକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଗ୍ରାମର ଅଙ୍କୁର ବେହେରା(୬୮)ଙ୍କ ବାଡ଼ିରେ ଥିବା ପଣସ ଗଛରୁ କେହି ଦୁର୍ବୃତ୍ତ ଗୋଟିଏ ପଣସ ଚୋରି କରି ନେଇଥିଲା। ଏ ନେଇ ଅଙ୍କୁର ବୁଧବାର ଗାଳିଗୁଲଜ କରିବାରୁ ନବଘନ ବେହେରା(୩୨)ଓ ତାଙ୍କ ମା' ଦେବକୀ ବେହେରା(୬୩) ଏହାର ପ୍ରତିବାଦ କରିଥିଲେ। ପରେ ଏହାକୁ ନେଇ ଉଭୟ ପରିବାରଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ପକ୍ଷର ନବଘନ ବେହେରା, ଦେବକୀ ବେହେରା, ଓ ଅଙ୍କୁର ବେହେରା ପ୍ରମୁଖ ଆହତ ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## କାମ ବନ୍ଦ କରିବାକୁ ଦାବିପତ୍ର

**ବନ୍ୟପ୍ରାଣୀ କରିଡରରେ ସ୍ଲୁରି ପାଇପ୍ ଲାଇନ ଘଟଣା**

କେନ୍ଦୁଝର,୧୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡର ସଦର ଏବଂ ଘଟଗାଁ ରେଞ୍ଜ ଅଞ୍ଚଳର ବନ୍ୟପ୍ରାଣୀ ଚଳପ୍ରଚଳ ଅଞ୍ଚଳରେ ଚାଲିଥିବା ସ୍ଲୁରି ପାଇପ ଲାଇନ କାମ ବନ୍ଦ କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ଦାବି ହୋଇଛି। ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ସମେତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଶାସନ ସଚିବ, ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କୁ କପି ପଠାଇଛନ୍ତି।

ପ୍ରକାଶଯୋଗ୍ୟ, ଯୋଡ଼ା ଖଣି ଅଞ୍ଚଳରୁ ପାରାଦୀପକୁ ଲୁହାପଥର ଗୁଣ୍ଡକୁ ପାଣିରେ ମିଶାଇ ପାଇପ ଯୋଗେ ପରିବହନ କରିବାକୁ ପାଇପ ବିଛା କାମ ଚାଲିଛି। ବିଶେଷ କରି ରାସ୍ତା କଡରେ ଟ୍ରେଞ୍ଚ ଖୋଳି ପାଇପ ବିଛା କାମ ଚାଲିଛି। ଏହି ଟ୍ରେଞ୍ଚ ସଦର ଓ ଘଟଗାଁ ରେଞ୍ଜର ଅଟେଇ ଓ ନରଣପୁର ସଂରକ୍ଷିତ ଜଙ୍ଗଲରେ ଏନ୍‌ଏଚ୍ ୨୦ କଡ଼ରେ ଖୋଳାଯାଉଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ ବିପଦର କାରଣ ହେଉଛି। ସ୍ଲୁରି ପାଇପ ପାଇଁ ବ୍ୟାପକ ଗଛ କଟାଯାଉଛି। ଏପରିକି ସ୍ଲୁରି ପାଇପ ପଡିବା ପରେ ଠିକ୍ ଭାବରେ ଟ୍ରେଞ୍ଚ ପୋତା ଯାଉନାହିଁ। ବାରମ୍ବାର ଏ ନେଇ ବନ ବିଭାଗକୁ ସୂଚନା ଦିଆଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସରକାରୀ ନୀତିନିୟମଙ୍କୁ ଉଲ୍ଲଂଘନ କରି କାମ ଚାଲୁଥିଲେ ହେଁ ବନ ବିଭାଗ ପକ୍ଷରୁ ତଦାରଖ କରାଯାଉନାହିଁ କିମ୍ବା ତାଗିଦ କରାଯାଉନାହିଁ। ତଦାରଖ କରୁଥିବା ସରକାରୀ ବାବୁ ଓ ଖିଲାପୀ କମ୍ପାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କାମକୁ ବନ୍ଦ କରିବା ପାଇଁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସଭାପତି ରଞ୍ଜନ ବେହେରା ଓ ଉପସଭାପତି ଜୟକୃଷ୍ଣ ନାୟକ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ବନ ବିଭାଗ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ବିଶାଳ ସିଂହ ଓ ଡିଏଫଓ ଧନରାଜ ଏଚ.ଡି. ଆଶ୍ୱାସନା ଦେଇଛନ୍ତି।

## ରାସ୍ତାରେ ଦବିଲା ବାଲିଗାଡ଼ି, ଯାତାୟାତ ବାଧାପ୍ରାପ୍ତ

ହାଟଡ଼ିହୀ,୧୦।୪(ପାର୍ଥ ସୌରଭ ସା)



କେନ୍ଦୁଝର ଜିଲା ହାଟଡ଼ିହୀ ତହସିଲ ଅଧୀନରେ ଏବେ ୪ ରୁ ଊର୍ଦ୍ଧ୍ୱ ବାଲିଘାଟ ଚାଲିଛି। ବାଲି ବୋଝେଇ ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଅଣା-ସମଣା ରାସ୍ତା ଓ ବରାଙ୍ଗଠାରୁ ହାବେଳେଶ୍ୱର ରାସ୍ତାରେ ଭରିଯାନ ଚଳାଚଳ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ବୁଧବାର ବରାଙ୍ଗଠାରୁ ହାବେଳେଶ୍ୱର ରାସ୍ତାର ଦୁଡୁଙ୍ଗା ଶାସନଠାରେ ୨ ବାଲି ବୋଝେଇ ଗାଡି ଦବି ଯିବାରୁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍କୁଲ ଗାଡ଼ି ଗୁଡ଼ିକ ଯାଇ ନ ପାରିବାରୁ ଛାତ୍ରୀଛାତ୍ର ଘରକୁ ଫେରି ଯାଇଥିଲେ। ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଫେରିଯାଇ ଅନ୍ୟ ରାସ୍ତାରେ ଯିବାକୁ ବାଧ ହୋଇଥିଲା। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପୋଲିସକୁ କାମୁଡ଼ି ଖସିଗଲେ ଅଭିଯୁକ୍ତ

ରାମଚନ୍ଦ୍ରପୁର,୧୦।୪(ଗଣେଶ୍ୱର ସା)

ହତ୍ୟା ଉଦ୍ୟମ କରି ଦୀର୍ଘଦିନ ହେଲା ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ସେ ପୋଲିସ କର୍ମଚାରୀଙ୍କୁ କାମୁଡ଼ି ରକ୍ତାକ୍ତ କରି ଖସି ପଳାଇବା ଘଟଣା ଆନନ୍ଦପୁର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ଖସିଯିବା ପରେ ପରିବାର ଲୋକେ ପୋଲିସକୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ରାମଚନ୍ଦ୍ରପୁର ପୋଲିସ ଅଭିଯୁକ୍ତଙ୍କ ମା' ଛବିଲତା ବରାଳଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତ କରାଡାପାଳ ଗ୍ରାମର ପ୍ରଦୂଷ ବରାଳଙ୍କ ନାମରେ ୩୦୭ ଦଫାରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିଲା। ବହୁ ଦିନ ଧରି ସେ ଫେରାର ଥିବା ଓ ମଙ୍ଗଳବାର ଗାଁକୁ ଆସିଥିବା ଖବର ପାଇ ସାଇଁକୂଳ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝି ଗିରଫ କରିବା ପାଇଁ ଚଢ଼ାଉ କରିଥିଲେ। କାବୁ କରିବା ସମୟରେ ସେ ଫାଣ୍ଡି ଅଧିକାରୀଙ୍କ ଡାହାଣ ହାତକୁ କାମୁଡ଼ି ରକ୍ତାକ୍ତ କରି ଫେରାର ହୋଇଯାଇଥିଲେ। ପରେ ପରିବାର ଲୋକେ ପୋଲିସକୁ ଆକ୍ରମଣ କରିଥିଲେ।

## ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ


ସ୍ଥାନୀୟ ବିଜେଡ଼ି ନେତା ଓ କର୍ମକର୍ତ୍ତା।

ଢେଙ୍କିକୋଟ,୧୦।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳ ଢେଙ୍କିକୋଟ ପଞ୍ଚାୟତ ଢେଙ୍କିକୋଟରେ ବୁଧବାର ବିଜେଡ଼ି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଘଟଗାଁ ବ୍ଲକ୍ ବିଜୁ ଜନତା ଦଳର ସଭାପତି ଦୋଳଗୋବିନ୍ଦ ବେହେରା, ସରପଞ୍ଚ ଖଇର ନାଏକ, ପୂର୍ବତନ ସରପଞ୍ଚ ଅଲେଖ ଚନ୍ଦ୍ର ସିଂହ, ସକ୍ରିୟ କର୍ମୀ ଦିଗାମ୍ବର ନାୟକ, ବିଜୟ ସାହୁ, ଅବନି ମହାପାତ୍ର, ଉପେନ୍ଦ୍ର ଓଝା, ଆଶିଷ ମଣ୍ଡଳ, ବନମାଳି ନାୟକ, ଶ୍ରୀକାନ୍ତ ନାୟକ, ଲିଙ୍ଗରାଜ ନାୟକ, ନିତ୍ୟାନନ୍ଦ ନାୟକ ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇଥିଲେ। ଶଙ୍ଖ ଚିହ୍ନରେ ଭୋଟ ଦେଇ ଦଳୀୟ ଏମପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇ ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବାକୁ ପ୍ରଚାର କରିଛନ୍ତି।

## ବର୍ଷା ହେଲେ ଘରେ ଆଣ୍ଠୁଏ ପାଣି

**ଭଙ୍ଗାଘରେ ଅସହାୟ କୋଇଲି**

ଆନନ୍ଦପୁର,୧୦।୪(ଉମେଶ ଚନ୍ଦ୍ର ପାଢ଼ୀ)


କୋଇଲି ଖଟୁଆ।

ପର ଘରେ ମୂଲ ଲାଗି ପୁଅକୁ ପାଠ ପଢ଼ାଇ ମଣିଷ କରିଥିଲେ। ଆଶା ଥିଲା ପରିଣତ ବୟସରେ ପୁଅ ତାଙ୍କୁ ପୋଷିବ ଆଉ ବୋହୂ, ନାତିନାତୁଣୀଙ୍କ ମେଳରେ ପରିଣତ ବୟସ କଟିଯିବ। କିନ୍ତୁ ଦଇବର ବରାଦ ଅନ୍ୟ କିଛି ଥିଲା। ମାତ୍ର ୨୭ ବର୍ଷର ଭେଣ୍ଡିଆ ପୁଅ ପରକରି ଆରପାରିକୁ ଚାଲିଗଲା। ଏବେ ଏକୁଟିଆ ଭାଗ୍ୟକୁ ଆଦରି ଭଙ୍ଗାଦଦରା ଘରେ ପଡ଼ିରହିଛନ୍ତି। ଏଭଳି ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୨ ନମ୍ବର ୱାର୍ଡର ବାସିନ୍ଦା କୋଇଲି ଖଟୁଆଙ୍କ କ୍ଷେତ୍ରରେ ।

ସ୍ୱାମୀ, ୨ ଝିଅ ଓ ପୁଅଙ୍କ ସହ କୋଇଲିଙ୍କ ପରିବାର ଦୁଃଖ କଷ୍ଟରେ ଚାଲିଥିଲା। ସ୍ୱାମୀ ଗୟାଧର ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ ପୁଅକୁ ମାତ୍ର ଦେଢ଼ ବର୍ଷ ହୋଇଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିଲା। ପରେ ପର ଘରେ ମୂଲ ମଜୁରି କରି ୨ ଝିଅଙ୍କ ବିବାହ କରିବା ସହ ପୁଅକୁ ପାଠ ପଢ଼ାଇ ମଣିଷ କରିଥିଲେ। ପୁଅ ଚାକିରି କଲେ ସବୁ ଦୁଃଖ ଦୂର ହୋଇଯିବ ଭାବିଥିଲେ। ମାତ୍ର ବିଧିର ବିଧାନ ଅଲଗା ଲେଖା ଥିଲା, କରୋନା ସମୟରେ ୨୭ ବର୍ଷର ଭେଣ୍ଡିଆ ପୁଅଙ୍କ ମୃତ୍ୟୁ ଗଭୀର ଆଘାତ ଦେବା ସହ ବେସାହାରା କରିଦେଇଥିଲା। ୩୫ ବର୍ଷ ହେଲା ଭଙ୍ଗା ଘରେ ଭାଗ୍ୟକୁ ଆଦରି ପଡ଼ିଛନ୍ତି। ମାଟିକାନ୍ଥ ଘର ହୋଇଥିବା ବେଳେ ଉପରେ କେତୋଟି ଭଙ୍ଗା ଆଜବେଷ୍ଟସ ଓ ପଲିଥିନ ବନ୍ଧା ହୋଇଛି। କାନ୍ଥ ଫାଟିଯାଇଥିବା ବେଳେ ଘରେ ଦିନରେ ଖରା ଆଉ ରାତିରେ ତରା ଦେଖାଯାଉଛି। ବର୍ଷାଦିନେ ଘରେ ପାଣିକାଦୁଅ ଆଣ୍ଠୁଏ ହୋଇଯାଉଛି। ଅଧିକ ବର୍ଷା ହେଲେ ପଡ଼ୋଶୀ ଘରେ ଦିନ କାଟିବାକୁ ବାଧ ହୁଅନ୍ତି। ଗତ କିଛିଦିନ ହେଲା ଅସୁସ୍ଥ ହୋଇ ଘରେ ପଡ଼ିରହିଛନ୍ତି। ତାଙ୍କର ଦେଖାଶୁଣା କେହି କରିବାକୁ ନ ଥିବାରୁ ପଡ଼ୋଶୀମାନେ ଯଥାସମ୍ଭବ ସାହାଯ୍ୟ କରୁଥିବା କୋଇଲି କହିଛନ୍ତି। ସରକାରୀ ସହାୟତା ଭାବେ ତାଙ୍କୁ ୩୫ କିଗ୍ରା ଚାଉଳ ଓ ହଜାରେ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ଏକ ଘର ଆବେଦନ କରିଥିଲେ ବି ମିଳୁନାହିଁ। ତାଙ୍କର ସମସ୍ତ ଯୋଗ୍ୟତା ଥିଲେ ମଧ୍ୟ ସ୍ଥାନୀୟ ଜନପ୍ରତିନିଧିଙ୍କ ଉଦାସୀନତା ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା କାରଣରୁ କୋଇଲିଙ୍କୁ ଅଦ୍ୟାବଧି ଆବାସଟିଏ ମିଳିପାରିନାହିଁ। ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ତୁରନ୍ତ କୋଇଲିଙ୍କୁ ଆବାସ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। କାଉନ୍‌ସିଲର ଲକ୍ଷ୍ମୀପ୍ରିୟ ସେଠୀ କହିଛନ୍ତି, ତାଙ୍କ ନାମ ଗୃହ ଅନୁମୋଦନ ପାଇଁ ପଠାଯାଇଛି।

## ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଜବତ ; ୪ ଗିରଫ

ପାଟଣା,୧୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ମହୁଲି ଓ ବିଦେଶୀ ମଦର ଆଡ୍ଡାସ୍ଥଳୀ ହିରାପଶିରେ ବୁଧବାର ଅବକାରୀ ବିଭାଗ ଚଢ଼ାଉ କରିଛି। ଚଢ଼ାଉରେ ୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ମଦ ଜବତ ହୋଇଥିବା ବେଳେ ବେଆଇନ ମଦ କାରବାର ସମ୍ପୃକ୍ତ ୪ ଜଣଙ୍କୁ ଅବକାରୀ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ରାମର ମନୋଜ ମୁଦି, ଈଶ୍ୱର ମାଝୀ, ସୁରେଖା ମାଝୀ ଏବଂ ରୂପାଲି ମାଝୀ। ଜବତ ମଦ ଆନୁମାନିକ ମୂଲ୍ୟ ୯ ଲକ୍ଷ ୮୩ ହଜାର ହେବ ବୋଲି ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ କୁମାର ଦାସ କହିଛନ୍ତି। ଜିଲା ଅବକାରୀ ଅଧିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟ ଭାବେ ପାଟଣା ବିଡ଼ିଓ ଶିବ ଶଙ୍କର ମୁର୍ମୁଙ୍କ ଉପସ୍ଥିତିରେ ଅବକାରୀ ବିଭାଗ, ତୁରୁମୁଙ୍ଗା ପୋଲିସ ହିରାପଶିରେ ଜଏଣ୍ଟ ଚଢ଼ାଉ କରିଥିଲା। ଚଢାଉରେ ୧୩୩୭ ଲିଟର ଦେଶୀ ମହୁଲି ମଦ, ୪ ଶହ ଲିଟର କିଙ୍ଗ ଫିସର ବିୟର (୧୫୬୭ ବୋତଲ), ୧୩୮୦୦ କିଗ୍ରା ପୋଚକୁ ଅବକାରୀ ବିଭାଗ ଜବତ କରିଛି। ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ଚଢ଼ାଉରେ ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରବୀଣ ପ୍ରଧାନ, ସ୍ପେଶାଲ ଏନ୍‌ଫୋର୍ସମେଣ୍ଟ ୟୁନିଟର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦିବ୍ୟରଞ୍ଜନ ଦୀପଙ୍କ ସହିତ ଜିଲା ମୋବାଇଲ ୟୁନିଟ୍ ଏକ୍ସାଇଜ ଇନ୍ସପେକ୍ଟର ଚନ୍ଦନ ମଣ୍ଡଳ ଏବଂ ସଦର ଇନ୍ସପେକ୍ଟର ବେଣୁଧର ସାମଲ, ପାଟଣା ଅବକାରୀ ଅଧିକାରୀ ପ୍ରୀୟମ୍ବିତା ଓଝା ପ୍ରମୁଖ ସାମିଲ ହୋଇଥିଲେ।

## ବାଲେଶ୍ୱର

### ସଂକ୍ଷେପରେ

## ପୃଥକ୍ ଦୁର୍ଘଟଣା, ୨ ମୃତ

**ଜଳେଶ୍ୱର, ୧୦।୪(ନବୀନ ସାହୁ)**

ଜଳେଶ୍ୱର ବ୍ଲକର ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ହୋଇଛି। କାଳିକ ପଞ୍ଚାୟତ ଭଦୁଆ ଗାଁର ଗୋପାଳ ବାରିକ (୪୮) ମଙ୍ଗଳବାର ହାତୀଗଡ଼ରେ ସେଲୁନ କାମ ସାରି ଘରକୁ ଫେରୁଥିବା ବେଳେ ଚାଫଲା କାଳିକ ମୁଖ୍ୟରାସ୍ତାର ବମ୍ଭେ ଛକ ନିକଟରେ ଚାଫଲା ପଟୁ ଦ୍ରୁତଗତିରେ ଆସୁଥିବା ଟିପ୍ପି ବୋଝେଇ ହାଇୱା (ନଂ. ଡବ୍ଲ୍ୟୁବି୩୧ଏ ୩୯୬୯) ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଦୁଇ ପୁଅ ଓ ସ୍ତ୍ରୀ ଅଛନ୍ତି। ପୋଲିସ ପହଞ୍ଚି ଉକ୍ତ ହାଇୱାକୁ ଅଟକ ରଖିଛି। ଶବକୁ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲକୁ ନିଆଯାଇଛି। ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସେହିପରି ଜଳେଶ୍ୱର ଥାନା ଚନ୍ଦନାସ୍ଥିତ ଲୀଳା କଲ୍ୟାଣ ମଣ୍ଡପ ନିକଟରେ ବାଇକ୍‌କୁ ସାମ୍ନା ପଟୁ ଧକ୍କା ଦେଇଛି ପିକଅପ୍ ଭ୍ୟାନ୍। ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗବରଘୋଟା ଗ୍ରାମର ତ୍ରିଲୋଚନ ମହାନ୍ତି (୩୫)। ଦୁର୍ଘଟଣାରେ ଡ୍ରାଇଭର ଫେରାର ଥିବା ବେଳେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି।

## ଅବକାରୀ ଚଢ଼ାଉ, ୨ ଗିରଫ

**ନୀଳଗିରି, ୧୦।୪(ପ୍ରଶାନ୍ତ ବିଶ୍ୱାଳ)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବାଲେଶ୍ୱର ଅବକାରୀ ଅଧୀକ୍ଷକ ସୁଶାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶରେ ନୀଳଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଭ୍ରାମ୍ୟମାଣ ସ୍କ୍ୱାଡ଼ ନୀଳଗିରି ନିକଟ ପୋଡ଼ାଶୂଳ ଛକ ନିକଟରୁ ଗୋଟିଏ ୧୧୦୦ଲିଟର ଦେଶୀ ମଦ ଭର୍ତ୍ତି ପିକଅପ ଜବତ ସହ ପୋଡ଼ାଶୁଳ ଅଞ୍ଚଳର ବଳରାମ ବିଶ୍ୱାଳଙ୍କୁ ଗିରଫ କରିଛି। ସେହିଭଳି ନୀଳଗିରି ଅବକାରୀ ବିଭାଗ ସିଆଡ଼ିମାଳ ଛକ ନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର୍, ୫୫୦ଲିଟର ଦେଶୀମଦ ଜବତ କରିଛି। ଅନୁରୂପ ଭାବେ ଖନ୍ତାପଡ଼ା ଥାନା ଛତ୍ରପୁର ଅଞ୍ଚଳରୁ ୫୫୦ଲିଟର ଦେଶୀମଦ ଜବତ ହୋଇଥିବା ବେଳେ ଆସାମୀ ତୁଷାରକାନ୍ତ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ଉଭୟ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଖବରପାଇ ପୋଡ଼ାଶୂଳ ଅଞ୍ଚଳରେ ଚଢ଼ାଉ କରି ବିଭିନ୍ନ ମଦ ତିଆରି ସାମଗ୍ରୀ ଜବତ କରାଯାଇଥିବା ବେଳେ ମୁଖ୍ୟ ଆସାମୀ ଖସିଯିବାରେ ସମର୍ଥ ହୋଇଛି। ଏହି ଚଢ଼ାଉରେ ଅବକାରୀ ଉପ-ଅଧୀକ୍ଷକ ସିଏଚ୍ ତିରୁପତି, ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲା, ନୀଳଗିରି ରେଞ୍ଜ ନିରୀକ୍ଷକ କେଶବ ଚନ୍ଦ୍ର ଦାସ, ଏସ୍‌ଆଇ ଭକ୍ତ ଚରଣ ସ୍ୱାଇଁ, ନୀଳଗିରି ଅବକାରୀ ଓଆଇସି ଜଗବନ୍ଧୁ ବେହେରା, ମଙ୍ଗଳ ସିଂ, ଜୟମାଧବ ଦାସପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

**ଯଜ୍ଞ ଦେଖିବା ସ୍ୱପ୍ନରେ ରହିଗଲା**

## ଟ୍ରେନ ଦୁର୍ଘଟଣାରେ ଆଖି ବୁଜିଲେ ଜୀବନ

**ଖଇରା, ୧୦।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଥାନା ବର୍ତ୍ତନା ପଞ୍ଚାୟତ ଅଧୀନ ପଦୁନା ଗ୍ରାମର ଜୀବନ କୁମାର ମଉଗଜ ବାଙ୍ଗାଲୋରରେ ଘରୋଇ କମ୍ପାନୀରେ କାମ କରନ୍ତି। ଗ୍ରାମରେ ହେବାକୁ ଯାଉଥିବା ଯଜ୍ଞରେ ସେ ଯୋଗ ଦେବାକୁ ମଙ୍ଗଳବାର ଟ୍ରେନ ଯୋଗେ ଘରକୁ ଫେରୁଥିଲେ। ତେବେ ଆନ୍ଧ୍ରପ୍ରଦେଶର ବିଜୟନଗରମ ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ନେଇ ସେଠାକାର ପୋଲିସ ଘରକୁ ଖବର ଦେଇଥିଲେ। କେହି ତାଙ୍କୁ ଟ୍ରେନରୁ ଠେଲି ଦେଇଥିବା ସନ୍ଦେହ କରାଯାଉଛି। ଉକ୍ତ ମୃତ୍ୟୁ ଖବର ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ଜୀବନଙ୍କ ବାପା ଫକୀରମୋହନ ଜଣେ କର୍ଣ୍ଣଶିଳ୍ପୀ ଭାବେ ଜଣାଶୁଣା ।

## ଡମ୍ଫର ପଛରୁ ଧକ୍କା ଦେଲା କାର୍, ୪ ଆହତ

**ସୋର, ୧୦।୪(ଜନ୍ମେଜୟ ମିଶ୍ର)**

ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ପାଇକାଲି ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ବାଲି ବୋଝେଇ ଡମ୍ଫରକୁ ପଛପଟୁ ଏକ କାର୍ ଧକ୍କା ଦେବା ଫଳରେ କାର୍‌ରେ ଥିବା ୪ଜଣ ଯାତ୍ରୀ ଆହତ ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବୁଧବାର ପଶ୍ଚିମବଙ୍ଗ କଣ୍ଟେଇ ଅଞ୍ଚଳର ଅବଦୁଲ କରିମ ଖାନ, ରହମାନ ଅଲି ଖାନ, ଆଜାଦ ଅଲି ଖାନ ତାଙ୍କ ବାପା ରଫିତ ଅଲି ଖାନଙ୍କୁ ଚିକିତ୍ସା ପାଇଁ କଟକ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲକୁ ନେଉଥିଲେ। ପାଇକାଲି ନିକଟରେ ବାଲି ଡମ୍ଫରକୁ ଧକ୍କା ଦେବାରୁ କାର୍‌ରେ ଥିବା ସମସ୍ତ ୪ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# କାମିନୀଙ୍କ ବରଣମାଳାରେ ଝଲସିଲେ ଚନ୍ଦନେଶ୍ୱର






ବିବାହ ପରେ କାମିନୀ ଓ ଚନ୍ଦନେଶ୍ୱର ମହାଦେବଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

**ଭୋଗରାଇ, ୧୦।୪( ପ୍ରଦୀପ ଦାସ )**

ଭକ୍ତି, ଭାବନାର ମିଳନ ପୀଠ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ହୁଗୁଳି ଗ୍ରାମର ଚନ୍ଦନେଶ୍ୱର ମହାଦେବ ଆଧାତ୍ମିକ ଏବଂ ସାଂସ୍କୃତିକ ଜୀବନଧାରାକୁ ଆବାହନ କାଳରୁ ପ୍ରଭାବିତ ହୋଇଆସୁଛି। ମହାଦେବଙ୍କ ଅପାର କରୁଣାରୁ ପ୍ରତିବର୍ଷ ଅଗଣିତ ଶ୍ରଦ୍ଧାଳୁ ପୂର୍ବଭାରତର ଏହି ପ୍ରସିଦ୍ଧ ଶୈବପୀଠକୁ ଛୁଟି ଆସିଥାନ୍ତି। ୧୩ଦିନ ଯାଏ ଚଡକମେଳା ହୁଏ ଜନ ସମୁଦ୍ର। ଏହି ଚଡକ ମେଳାର ବୁଧବାର ଥିଲା ୩ୟ ଅର୍ଘ୍ୟ। ଏହି ଅର୍ଘ୍ୟରେ ଉପବୀତଧାରୀ ଭକ୍ତଙ୍କ ସଂଖ୍ୟା ୧ଲକ୍ଷରୁ ଊର୍ଦ୍ଧ୍ୱ ଥିଲା ବେଳେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୩ଲକ୍ଷରୁ ଊର୍ଦ୍ଧ୍ୱ ଥିବା ଆକଳନ କରାଯାଇଥିଲା। ଏଥିସହିତ ଦେବଦେବ ମହାଦେବ ଚନ୍ଦନେଶ୍ୱର ଜୀଉଙ୍କ କାମିନୀ ବିବାହ ସନ୍ଦର୍ଶନ ଲାଗି ଚନ୍ଦନେଶ୍ୱର ପୀଠ ହୋଇଥିଲା ଭକ୍ତମୟ। ପ୍ରତ୍ୟୁଷରୁ ଭଟ୍ଟପୁର ଗ୍ରାମର ମଳାକାର ଘରେ ଜନ୍ମିତ କାମିନୀ ଠାକୁରାଣୀ ଚନ୍ଦନେଶ୍ୱର ମହାଦେବଙ୍କୁ ବରଣମାଳା ପ୍ରଦାନ କରିଥିଲେ। ସେଠାରେ ଓଡ଼ିଆ ରୀତିନୀତି ଅନୁଯାୟୀ ଚନ୍ଦନେଶ୍ୱର ଜୀଉ ଓ କାମିନୀ ଠାକୁରାଣୀ ଘଟକୁ ଏକ ସଙ୍ଗେ ରଖି ପୁଷ୍ପମାଲ୍ୟରେ ଭୂଷିତ କରି ସେବାୟତ ଓ ପଣ୍ଡାମାନେ ପୂଜାର୍ଚ୍ଚନା କରିଥିଲେ। ପରେ ଚନ୍ଦନେଶ୍ୱର ଜୀଉ ଓ କାମିନୀ ଠାକୁରାଣୀଙ୍କ ଘଟଦ୍ୱୟକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇଥିଲା। ବାଟସାରା ଢାକ, ଢୋଲ, ମହୁରୀ, ସାହାନାଇ, ବାଦ୍ୟ ଶଙ୍ଖଧ୍ୱନି ଓ ଡାକବାଜିଯନ୍ତ୍ରରେ ରାସ୍ତା ଘାଟ ଉଚ୍ଛୁଳି ପଡିଥିଲା। ବାଣ, ରୋଷଣୀ, ରଙ୍ଗ ବୋଳାର ଚମକ ଅସଂଖ୍ୟ ଭକ୍ତଙ୍କୁ

- ୩ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବିମୋହିତ
- ଶୋଭାଯାତ୍ରାରେ ମନ୍ଦିରରେ ବିଜେ କଲେ ବର-କନ୍ୟା
- ଆଜି ମହାନୀଳ

ବିମୋହିତ କରିଥିଲା। ଭଟ୍ଟପୁର ଗ୍ରାମରୁ ଚନ୍ଦନେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଏହି ଅଲୌକିକ ଠକୁରାଣୀ ଓ ଠାକୁରଙ୍କ ବିରଳ ଦର୍ଶନ ନିମନ୍ତେ ପ୍ରବଳ ଭିଡ ଲାଗିଥିଲା। ଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡ଼ି, ସେବାୟତ, ପଣ୍ଡା, ପ୍ରଶାସନ ଓ ଅସଂଖ୍ୟ ଶୈବଭକ୍ତ ଉଭୟ ମୂର୍ତ୍ତି ଠାକୁରଙ୍କୁ ପାଲିଙ୍କିରେ ବସାଇ ମନ୍ଦିରକୁ ଆଣିଥିଲେ। ସେଠାରେ ମନ୍ଦିର ଗର୍ଭଗୃହରେ ରୁଦ୍ଧ ଦ୍ୱାର ମଧ୍ୟରେ କାମିନୀ ଠାକୁରାଣୀ ଓ ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ସମ୍ପନ୍ନ ହୋଇଥିଲା। ମହାଦେବଙ୍କ ମୁଖ୍ୟ ସେବାୟତ ତଥା ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡାଙ୍କ ସମେତ ବହୁ ସେବାୟତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ ଓ ଅନ୍ୟ ପଦାଧିକାରୀ ସହିତ ତହସିଲଦାର ହିମାଂଶୁ ଶେଖର ଗିରି ମେଳା ପରିଚାଳନା କରିଥିଲେ। କାମିନୀ ଠାକୁରାଣୀଙ୍କ ବିବାହ ଶୋଭାଯାତ୍ରାରେ ସାମାଜିକ କର୍ମୀ ବିଶ୍ୱଜିତ ଦାସ, ଗଣପତି ଗିରି, ଗୀତାବିତ କାହ୍ନୁଚରଣ ଶତପଥୀ ପ୍ରମୁଖ ସାମିଲ ଥିଲେ। ୧୦ ଦିନ ଧରି ଚାଲି ଆସୁଥିବା ପ୍ରସିଦ୍ଧ ଏହି ଚଡକ ମେଳାରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ସବୁଠି ପ୍ଲାଷ୍ଟିକ ଜରି ପେପର ପଡି ମେଳା ପରିବେଶ ଦୂଷିତ ହେବାକୁ ଲାଗିଛି। କେବଳ ଗ୍ରାମ୍ୟ ପାଇପ ଜଳଯୋଗାଣ ବିଭାଗ ପକ୍ଷରୁ କନିଷ୍ଠଯନ୍ତ୍ରୀ ହରପ୍ରିୟା ମହାନ୍ତ ଓ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉଥିବାରୁ ପେଟଜନିତ ରୋଗକୁ ରକ୍ଷା ମିଳିଛି। ମେଳାରେ ଦୈନିକ ୧୦ହଜାର ଜଳ ବୋତଲ, ୫ଟି ଭ୍ରାମ୍ୟମାଣ ଜଳ ଟାଙ୍କିରୁ ଯାତ୍ରୀମାନଙ୍କୁ ଜଳଯୋଗାଇ ଦିଆଯାଉଥିବା ଅଧିକାରୀ ସମୀର ଚନ୍ଦ୍ର ଜେନା ଓ ଏସ୍‌ଡିଓ ଶେଷନାଗ ପ୍ରଧାନ ସୂଚନା ଦେଇଛନ୍ତି।

## ଧୀରେନ ରାଜ୍ୟ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ

**ବାଲେଶ୍ୱର, ୧୦।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲାର ବିଜେଡି ମିଡ଼ିଆ ସଂଯୋଜକ ଭାବେ କାର୍ଯ୍ୟ କରୁଥିବା ଧୀରେନ କୁମାର ନାୟକଙ୍କୁ ରାଜ୍ୟ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଭାବେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ମଙ୍ଗଳବାର ଘୋଷଣା କରିଛନ୍ତି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ ବିବୃତ୍ତି ଜାରି କରି ଏହି ନିଯୁକ୍ତି କାର୍ଯ୍ୟକାରୀ ହେଲା ବୋଲି ସୂଚନା ଦେଇଛନ୍ତି। ନାୟକଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ଦଳର ଯୁବ ନେତା, କର୍ମୀମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ନିଯୁକ୍ତି ପରେ ନାୟକ ପ୍ରତିକ୍ରିୟାରେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜୁ ଜନତା ଦଳ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବାଲେଶ୍ୱର ଜିଲା ବିଜେଡି ସଭାପତି ତଥା ମନ୍ତ୍ରୀ ଅଶ୍ୱିନୀ କୁମାର



ଧୀରେନଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଦିଆଯାଉଛି।

ପାତ୍ର, ରାଜ୍ୟସଭା ଏମ୍‌ପି ମାନସ ରଞ୍ଜନ ମଙ୍ଗରାଜ, ଧର୍ମଶାଳା ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ ବଳବନ୍ତରାୟ, ବିଜୁ ଯୁବ ଜନତାଦଳ ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଯଜ୍ଞ, ଦୀପଦାନ କରି ରାଷ୍ଟ୍ରୀୟ ନବବର୍ଷକୁ ସ୍ୱାଗତ

**ରୂପସା, ୧୦।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ପୋଡାଡିହାସ୍ଥିତ ଆମ ଗାଁ ନର୍ସରୀ ପରିସରରେ ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ, ଅଗ୍ନିହୋତ୍ର ପରିବାର ଓ ଷ୍ଟାର କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଛି। ଶିକ୍ଷାଶ୍ରମ ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ପାଣିଙ୍କ ପୌରୋହିତ୍ୟରେ ବିଶ୍ୱକଲ୍ୟାଣ ଯଜ୍ଞ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନୀଳମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା, ମୁଖ୍ୟବକ୍ତା ରୂପସା ଥାନାଧିକାରୀ ସଚ୍ଚିଦାନନ୍ଦ ଗିରି ଯୋଗଦେଇ ଚୈତ୍ର ଶୁକ୍ଳ ପ୍ରତିପଦାରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା ଲାଭ କରିଥିବାରୁ ଏହି ଦିନଟି ଗୁରୁତ୍ୱପୂର୍ଣ୍ଣ। ଏହି ଦିବସରେ ରାଷ୍ଟ୍ରୀୟ ନବବର୍ଷ ପାଳନ ଦ୍ୱାରା ସମଗ୍ର ଦେଶ ଓ ଦେଶବାସୀଙ୍କ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ



ନବବର୍ଷ ପାଳନ ଅବସରରେ ମୁଖ୍ୟଅତିଥି ବକ୍ତବ୍ୟ ଦେଉଛନ୍ତି।

ରହିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ଓ ଗୌରାଙ୍ଗ ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ପର୍ଶୁରାମ ବେହେରା ଓ ଅନନ୍ତ କୁମାର ସାହୁ, ମହୋତ୍ସବ କମିଟି ଉପଦେଷ୍ଟା ଜଗଦୀଶ ପଟ୍ଟନାୟକ, ପୂର୍ବତନ ଟେଲିସେବା ଅଧିକାରୀ ସୁଧାକର ଗିରି, ସାମାଜିକ କର୍ମୀ ତପନ କୁମାର ଗିରି ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ୧୦୮ ଘିଅ ଦୀପ ପ୍ରଜ୍ୱଳନ କରାଯାଇ ବିଶ୍ୱବାସୀଙ୍କ କଲ୍ୟାଣ କାମନା କରାଯାଇଥିଲା। ସନ୍ଧ୍ୟାରେ ସଙ୍ଗୀତଗୁରୁ ଅର୍ଜୁନ କୁମାର ଦଳାଇଙ୍କ ତତ୍ତ୍ୱାବଧାନରେ କଣ୍ଠଶିଳ୍ପୀ ଦୀପ୍ତରାଗ, ଅର୍ଚ୍ଚିସ୍ମିତା ଓ ରୁଚିସ୍ମିତାଙ୍କ ଦ୍ୱାରା ବୈଦିକ, ଆଧାତ୍ମିକ ଭଜନ ପରିବେଷଣ ହୋଇଥିଲା। ଷ୍ଟାର କ୍ଲବ ସଭାପତି ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକର୍ତ୍ତା ଚନ୍ଦନ ଜେନା, ଦୀପକ ସାମଲ, ଅର୍ଚ୍ଚନା ବେହେରା, ଝିଲ୍ଲୀ ବେହେରା, ଶଶିକାନ୍ତ ବେହେରା, ପ୍ରତାପ ବେହେରା ଓ ଶ୍ରୀଧର ବୁରୁଡ଼ି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା' ତାରିଣୀଙ୍କ ବାର୍ଷିକ ଉତ୍ସବ

**ବାଲିଆପାଳ, ୧୦।୪(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ସଦର ବ୍ଲକ ସାର୍ଥା ଗ୍ରାମରେ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ଯୋଗଦେଇ ସାର୍ଥା ହାଟ ପୋଖରୀରୁ ପାଣି ଆଣି ମା'ଙ୍କ ପାଖରେ ପାଣି ଢାଳି ବ୍ରତ ରଖିଥିଲେ। ମନ୍ଦିର ପ୍ରତିଷ୍ଠାତା ଡ. ଭଗବାନ ଚନ୍ଦ୍ର ସେନାପତି ଏବଂ ତାଙ୍କ ଧର୍ମପତ୍ନୀ ପୁଷ୍ପିତା ଭଦ୍ରା ଆହୂତି ପ୍ରଦାନ କରିଥିବା ବେଳେ ପୂଜାର୍ଚ୍ଚନା ପରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପୂଜକ ବିକର୍ତ୍ତନ ପାଣିଗ୍ରାହୀ, ଗ୍ରାମବାସୀ ବିଷ୍ଣୁପଦ ମଲ୍ଲିକ, ଦେବାଶିଷ ରଣା, ପରମାନନ୍ଦ ମହାନ୍ତି, କମଳାକାନ୍ତ ମଲ୍ଲିକ, ଶଶିକାନ୍ତ ବେହେରା, ନରେନ୍ଦ୍ରନାଥ ମଲିକ, ଶିବ ପ୍ରଶାଦ ମଲ୍ଲିକ, ଆରତୀ ମହାକୁଡ଼, ମଞ୍ଜୁରାଣୀ ମଣ୍ଡଳଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗ କରିଥିଲେ।

# ରାଇବଣିଆରେ ପୁଣି ୬୫ ହାତୀ

**ଜଳେଶ୍ୱର, ୧୦।୪(ରବିନାରାୟଣ ପାତ୍ର)**

**ମାଈ ହାତୀର ପ୍ରସବ, ଅନ୍ୟ ଏକ ଦନ୍ତା ଗୁରୁତର**

ରାଇବଣିଆରେ ଶିମିଳିପାଳ ଓ ଝାଡଖଣ୍ଡୀ ହାତୀ ବାରମ୍ବାର ଆସି କ୍ଷତି କରିବା ଓ ଭୟ ସୃଷ୍ଟି କରିବା ନିତିଦିନିଆ ଘଟଣା ହୋଇଗଲାଣି । ଗତ ୨୨ତାରିଖରୁ ରାଇବଣିଆକୁ ପ୍ରବେଶ କରିଥିବା ୬୫ହାତୀ ଛାଡିଯିବାର ନାଁ ଧରୁନାହାନ୍ତି। ଗତ ଶନିବାର ସନ୍ଧ୍ୟାରେ ହାତୀଗୁଡିକ ପଶ୍ଚିମବଙ୍ଗକୁ ଚାଲିଯାଇଥିବା ବେଳେ ସୋମବାର ଅପରାହ୍ନରେ ଟୁକୁରା ଓ ଲୁହାପଡା ଜଙ୍ଗଲରେ ଦେଖିବାକୁ ମିଳିଥିଲା। ହାତୀଗୁଡିକ ଜଙ୍ଗଲରେ ନ ରହି ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଗାଁକୁ ଆସି ବ୍ୟାପକ କ୍ଷତି କରୁଛନ୍ତି। ହାତୀଗୁଡିକ ଓଡିଶା ଅଭିମୁଖେ ଆସି ବେତନଟୀ, ରାସଗୋବିନ୍ଦପୁର, ମୁରୁଡା ଓ ନୀଳଗିରି ରେଞ୍ଜ ଅଞ୍ଚଳକୁ ଯିବାକୁ ଚାହିଁଥିବା ବେଳେ ସେଠାକାର ଲୋକେ ପୁଣି ଘଉଡାଇ ଦେଉଛନ୍ତି । ସେମାନେ ପଶ୍ଚିମବଙ୍ଗର ବେଲଦା, ନୟାଗ୍ରାମ ରେଞ୍ଜ ଅଞ୍ଚଳରେ ରହି ପୁଣି ଫେରିଆସୁଛନ୍ତି। ନୟାଗ୍ରାମ ଜଙ୍ଗଲରେ ଏକ ଦନ୍ତା ୩ଦିନ ହେବ ପଡି ରହିଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। କେନ୍ଦୁଖୁଣ୍ଟା ଜଙ୍ଗଲରେ ଏକ ମାଈ ହାତୀ ଛୁଆ ଜନ୍ମ କରିଥିବାରୁ ଅନ୍ୟହାତୀଗୁଡିକ ସେ ସ୍ଥାନକୁ ଜଗିରହିଛନ୍ତି। ବୁଧବାର ଅପରାହ୍ନରେ ବେଲଦା ରେଞ୍ଜରେ ଅନ୍ୟ ଏକ ହାତୀ ନିକଟସ୍ଥ ଗାଁକୁ ପଶିଯାଇଥିବାରୁ ସେଠାରେ ଲୋକେ ଭୟଭୀତ ହୋଇଛନ୍ତି। ଓଡିଶାର ଉପାନ୍ତ ଗାଁଗୁଡିକୁ ବନବିଭାଗ ସତର୍କ କରାଇଛି।

## ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ

**ବାଲେଶ୍ୱର, ୧୦।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ଷ୍ଟେଶନ ଛକସ୍ଥିତ ରୋଟାରୀର ଯାତ୍ରୀ ପ୍ରତୀକ୍ଷାଗାରରେ ପାନୀୟ ଜଳ ବିତରଣ କେନ୍ଦ୍ର ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମସ୍ତ ରୋଟାରିଆନ ଉପସ୍ଥିତ ରହିବା ସହ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଜଳ ବିତରଣ କେନ୍ଦ୍ର ପଥଚାରୀମାନଙ୍କ ପାଇଁ ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲୁ ରହିବ। କ୍ଲବର ଏହି ପ୍ରୟାସକୁ ଉପସ୍ଥିତ ଜନସାଧାରଣ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଭାପତି ପ୍ରଦୀପ୍ତ ପଣ୍ଡା, ଉପଦେଷ୍ଟା ସୁବ୍ରତ କର, ରୋଟାରିଆନ ସୌରଭ ବେହେରା, ବିଷ୍ଣୁଦାସ କୁଣ୍ଡୁ, ନିକୁଞ୍ଜ ମହାନ୍ତି, ସମର ତାଲଦି, ଉଦୟ ରଞ୍ଜନ ଦାସ, ଲକ୍ଷ୍ମୀପ୍ରିୟା ଜେନା ଓ ଜୟନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ ଟ୍ରାକ୍ଟର କୋଇଲା ଜବତ: ପ୍ରଶାସନର ଜ୍ଞାତସାରରେ ଚାଲିଛି କାରବାର

**ସିମୁଳିଆ, ୧୦।୪(ସନ୍ତୋଷ ନାୟକ)**

ସିମୁଳିଆ ଥାନା ଠାରୁ ପ୍ରାୟ ୬କି.ମି. ଦୂର ଜାମୁଝାଡି-ଧାମରା ରାସ୍ତାର ବଣପାରିଆ ଛକ ନିକଟରୁ ବୁଧବାର ଅପରାହ୍ନରେ ପୋଲିସ ପ୍ରାୟ ୬ଶହ ବସ୍ତା କୋଇଲା ଜବତ କରିଛି । ଏହି କୋଇଲା ଭର୍ତ୍ତି ବସ୍ତାଗୁଡିକୁ ୧୪ଟି ଟ୍ରାକ୍ଟରରେ ବୋଝେଇ କରି ପୋଲିସ ସିମୁଳିଆ ଥାନା ପରିସରରେ ରଖିଛି । ପୋଲିସ ନିକଟରେ ଚୋରା କୋଇଲା ବେପାରୀମାନଙ୍କ ଗୁମର ଜଣାଥିବାରୁ ପୋଲିସ ଏ ସମ୍ପର୍କରେ ତଦନ୍ତ କରିବ କି ନାହିଁ ତାହା ସନ୍ଦେହ ଘେରରେ ରହିଛି । ଭଦ୍ରକ ଜିଲା ଧାମରା ବନ୍ଦରରୁ ଟ୍ରେନ ଯୋଗେ କୋଇଲା ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି । କୋଇଲା ବେପାରୀମାନେ ପୋଲିସକୁ ହାତ କରି ବିଭିନ୍ନ ଗ୍ରାମାଞ୍ଚଳର ରାସ୍ତା ଦେଇ ରାତିରେ ଚାଲାଣ କରୁଛନ୍ତି। ବାଲିଖଣ୍ଡ, ଅଣ୍ଡରାଇ ରାସ୍ତାରେ ଧାମରା ଓ ଭଦ୍ରକରୁ କୋଇଲା ଭର୍ତ୍ତି ବସ୍ତାଗୁଡିକ ଶ୍ୟାମସୁନ୍ଦରପୁର, ବରି, ଗାଁ ମାର୍କୋଣା ରାସ୍ତା ସମେତ କେନାଲ ବନ୍ଧ ରାସ୍ତା ଦେଇ ଲଗାତାର ଚାଲାଣ କରୁଛନ୍ତି।

# ଭତ୍ତା ପାଇଁ ଧାରଣା

**ବାଲେଶ୍ୱର, ୧୦।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ସଦର ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାମୀ ପରିତ୍ୟକ୍ତା ମହିଳାମାନେ ଭତ୍ତା ନ ପାଇବାରୁ ମଙ୍ଗଳବାର ଧାରଣା ଦେଇଛନ୍ତି।

ସଦର ବ୍ଲକ ଅଧୀନ ହିଡ଼ିଗାଁ ପଞ୍ଚାୟତ ମୁଲଣାନଗରରେ ପ୍ରାୟ ୧୦ରୁ ଅଧିକ ସ୍ୱାମୀ ପରିତ୍ୟକ୍ତା ମହିଳା ଦୀର୍ଘଦିନ ଧରି ଭତ୍ତା ପାଇଁ ଆବେଦନ କରି ନିରାଶ ହୋଇଛନ୍ତି। ଇତିମଧ୍ୟରେ ପଞ୍ଚାୟତସ୍ତରରେ ସେମାନଙ୍କ ସମସ୍ତ କାଗଜପତ୍ର ଠିକ୍ ରହିଛି। ଭତ୍ତା ପାଇବା ପାଇଁ ଏକପ୍ରକାର ସେମାନଙ୍କ ନାମ ଘୋଷଣା ହୋଇଛି। କିନ୍ତୁ ରାଜନୈତିକ ଚାପ କାରଣରୁ ସେମାନଙ୍କୁ ଭତ୍ତା ନ ଦେଇ ହରରାଣ ହରକତ କରୁଥିବା ମହିଳାମାନେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଭତ୍ତା ପାଇଁ ସେମାନେ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ। ପରେ ମଧ୍ୟ ବିଡିଓ ଏବଂ ଜିଲାପାଳଙ୍କୁ ମଧ୍ୟ ଲିଖିତ ଜଣାଇଥିଲେ। ଜିଲାପାଳ ତାଙ୍କର ଭତ୍ତା ଖୁବଶୀଘ୍ର ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାଏ ମିଳୁ ନ ଥିବା ଜଣାପଡ଼ିଛି। ଫଳରେ ବାଧ ହୋଇ ସେମାନେ ଧାରଣା ଦେଇଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ବିଡିଓ ସମରଜିତ କର, ମହିଳାମାନଙ୍କର କାଗଜପତ୍ର ଯାଞ୍ଚ କରାଯାଉଛି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ନିର୍ବାଚନ ପରେ ଯେଉଁମାନଙ୍କ କାଗଜପତ୍ର ତ୍ରୁଟି ନ ଥିବ ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।



ଧାରଣାରତ ସ୍ୱାମୀ ପରିତ୍ୟକ୍ତା ମହିଳା।

# ଦୁର୍ବିପାକକୁ ପ୍ରତିହତ ପାଇଁ 'ଇକୋ ୱାକ ପଦଯାତ୍ରା'

**ବାଲେଶ୍ୱର, ୧୦।୪(ମାନସ ବିଶ୍ୱାଳ)**

ପରିବେଶ, ପର୍ଯ୍ୟାବରଣ ଓ ସମୁଦ୍ର ଉପକୂଳବର୍ତ୍ତୀ ଜିଲାର ସୁରକ୍ଷା, ସଚେତନତା ସୃଷ୍ଟି ଓ ଆଗାମୀ ଦୁର୍ବିପାକକୁ ପ୍ରତିହତ କରିବା ପାଇଁ 'ଇକୋ ୱାକ ପଦଯାତ୍ରା' ଫେବୃଆରୀ ୪ ତାରିଖ ଗଞ୍ଜାମ ଜିଲାରୁ ଆରମ୍ଭ ହୋଇ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାର ବିଭିନ୍ନ ଉପକୂଳବର୍ତ୍ତୀ ଅଞ୍ଚଳ ଅତିକ୍ରମ କରି ବାଲେଶ୍ୱର ଜିଲାରେ ଗତ ୯ ତାରିଖ ସୋମବାର ପହଞ୍ଚିଛି। ସାମାଜିକ କର୍ମୀ ତଥା ପରିବେଶବିତ୍ ଜଳେନ୍ଦ୍ର ମହାଲିକ ଏହି ପଦଯାତ୍ରା ମାଧ୍ୟମରେ ବିଭିନ୍ନ ସଙ୍ଗଠନ, ସ୍କୁଲ, କଲେଜ, ମହିଳା ସଙ୍ଗଠନକୁ ଭେଟି ଆଗାମୀ ଦୁର୍ବିପାକକୁ ପ୍ରତିହତ କରିବା ପାଇଁ ସଚେତନ କରାଇବା ସହ ଭବିଷ୍ୟତ ସହବନ୍ଧିତା ସ୍ଥାପନ କରୁଛନ୍ତି।

ଜଳେନ୍ଦ୍ର କେନ୍ଦ୍ରାପଡ଼ା ଜିଲା ତାଳଚୁଆ ଘାଟରୁ ଆସି ଗତ ମାର୍ଚ୍ଚ ୨୭ ତାରିଖରେ ଭଦ୍ରକ ଜିଲା କାଳୀନାଳି ଘାଟଠାରେ ପହଞ୍ଚିଥିଲେ। ଏହି ପଦଯାତ୍ରା ସହ ଧାମରା ପଞ୍ଚାୟତର ଯୁବ ନେତା ଦେବାଶିଷ ନାୟକ, ମାନସ ରଞ୍ଜନ ନାୟକ ବିଭିନ୍ନ ଯୁବ ସଙ୍ଗଠନ ସଂଯୋଗ ହୋଇଥିଲେ। ଗତ ରବିବାର ଦୋସିଙ୍ଗା ପଞ୍ଚାୟତର କାଳିନାଳି, ଚନ୍ଦିନୀପାଳ, ଅମରନଗର, ଜାଗୁଲା,




ମତ୍ସ୍ୟଜୀବୀଙ୍କୁ ସଚେତନ କରାଉଛନ୍ତି ଜଳେନ୍ଦ୍ର।

କାଇଥଖୋଲା ପଞ୍ଚାୟତର ବିଭିନ୍ନ ଯୁବକଙ୍କ ସହ ସଂଯୋଗ ହୋଇ କରଞ୍ଜମାଳ ପଞ୍ଚାୟତ ଶଶିକାଦେଇପୁର ଶ୍ରୀ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଗ୍ରାମର ଶିକ୍ଷକ ଗିରିଧାରୀ ଭଳ, ଦୀପକ ଭଳ, ବୀରଭଦ୍ର ଭଳ, ଦେବାଶିଷ ଭଳ ପ୍ରମୁଖ ସହଯୋଗ କରିଥିଲେ। ଜଳବାୟୁ ପରିବର୍ତ୍ତନ, ଧାମରା ବନ୍ଦର ପାଇଁ ଉପୁଜୁଥିବା ପ୍ରଦୂଷଣ, ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ ଓ ଲୁଣା ଜଙ୍ଗଲ ହ୍ରାସ ଏହି ଅଞ୍ଚଳର ପ୍ରମୁଖ ସମସ୍ୟା। ସ୍ୱଳ୍ପ ବର୍ଷା ଓ ଜଳସ୍ତର ହ୍ରାସ ହେତୁ ଚାଷ ଉପରେ ନିର୍ଭରତା ମଧ୍ୟ କମିବାରେ ଲାଗିଛି। ଏହିପରି ଭାବେ ଏହି ଇକୋ ୱାକ ପଦଯାତ୍ରା କଣ୍ଟିଆନାଳି, ସୋନମୁହିଁ, ବିଦେଇପୁର, ବିନୋବା ଭାବେ ନଗର, ଶଙ୍କର୍ଷଣପୁର, କଶିଆ, ୨୦ଚେନ, ବାଲିମୁଣ୍ଡା ଓ ମନ୍ଦାରୀ, ଚୂଡ଼ାମଣି, ଇରମ, ପତୁଆଁ ଅତିକ୍ରମ କରି ଷଷ୍ଠ ଜିଲା ବାଲେଶ୍ୱର ଖରାସାହାପୁର ପଞ୍ଚାୟତ ଉପର ଆଡ଼ିଆରେ ପହଞ୍ଚିଥିଲା। ଭଦ୍ରକ, ବାଲେଶ୍ୱର ଜିଲା ଲୁଣା ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀ ଓ ରିଲିଆନ୍ସ ଫାଉଣ୍ଡେଶନ ସହଭାଗିତାରେ ୨୫୦ହେକ୍ଟରରୁ ଊର୍ଦ୍ଧ୍ୱ ଲୁଣା ଗଛ ଲଗାଇବାରେ ସଫଳ ହୋଇଥିବା ଏହି ସଂଗଠନ ସହ ସଂଯୋଗ ହେଇଥିଲେ ଜଳେନ୍ଦ୍ର। ଏଥିସହ ଅଭଣା, ବିଷ୍ଣୁପୁର, ରୂପଖଣ୍ଡ, ବରଜଦେଉଳି, ଆରୁହାବାଡ, ବରିପଦା, ଖେରଙ୍ଗ, ଭିଲାଆଡ଼ିଆ, ତାଳପଦା ଆଦି ଗ୍ରାମର ବିଭିନ୍ନ ସଙ୍ଗଠନ

**୬୯ ଦିନରେ ୫ ଜିଲା ଅତିକ୍ରମ**

ସହ ବିଗତ ସପ୍ତାହ ମଧ୍ୟରେ ସଂଯୋଗ ହୋଇ ସଚେତନତା ସୃଷ୍ଟି କରାଯାଇଛି। ମଙ୍ଗଳବାର ଗୋପାଳପୁର, ଇଞ୍ଚୁଡ଼ି ଏବଂ ଭୀମପୁର ଅଭିମୁଖେ ଯାତ୍ରା କରିଥିବା ବେଳେ ଆସନ୍ତା ୧୨ତାରିଖ ବାଲେଶ୍ୱର ସହର ନିକଟସ୍ଥ ଚାନ୍ଦିପୁରରେ ପହଞ୍ଚିବେ। ପରେ ପରିଖି, କଷାଫଳ, ଡଗରା ଦେଇ ଉଦୟପୁରରେ 'ଇକୋ ୱାକ ପଦଯାତ୍ରା' ଶେଷ ହେବାର ଜଣାପଡ଼ିଛି। ବାଲେଶ୍ୱର ଜିଲାରେ ମୁଖ୍ୟତଃ ପରିବେଶ, ପର୍ଯ୍ୟାବରଣ ସୁରକ୍ଷାର ସଚେତନତା ଉପରେ ଗୁରୁତ୍ୱ ଦେଇ ସ୍ଥାନୀୟ ଲୋକଙ୍କୁ ଲୁଣା ଜଙ୍ଗଲ ସୃଷ୍ଟି କରିବା ଉପରେ ଲୋକମାନଙ୍କୁ ସଚେତନ କରାଉଛନ୍ତି।

ଏହି ପଦଯାତ୍ରା ମାଧ୍ୟମରେ ଜଳେନ୍ଦ୍ର ୧୦୦୦ରୁ ଊର୍ଦ୍ଧ୍ୱ ସାମାଜିକ ସଙ୍ଗଠନ, ସ୍କୁଲ, କଲେଜ, ମହିଳା ସଙ୍ଗଠନ ଏବଂ ୩ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ ସହ ସଂଯୋଗ ହୋଇ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ଏହା ବାଲେଶ୍ୱର ଜିଲା ଉଦୟପୁରଠାରେ ଶେଷ ହେବା ନେଇ ସୂଚନା ଦେଇଛନ୍ତି।

